## ସଂକ୍ଷେପରେ

### ମଦ ଜବତ, ଜଣେ ଗିରଫ

ବଇଣ୍ଡା,୭।୫(ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ଥାନା ଲୁହାମୁଣ୍ଡା ଅଞ୍ଚଳରେ ହଣ୍ଡପା ପୋଲିସ ଶୁକ୍ରବାର ରାତିରେ ଚଢ଼ାଉ କରି ସୁରେଶ ସାହୁଙ୍କ ଠାରୁ ୭ ଲିଟର ଦେଶୀ ମହୁଲି ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ସେ ତାଙ୍କ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ହଣ୍ଡପା ଏଏସ୍‌ଆଇ ଚିତ୍ତରଞ୍ଜନ ନାୟକ ଚଢ଼ାଉ କରି ଗିରଫ କରିଥିଲେ। ଏନେଇ ନମ୍ବର ୧୧୨/୨୨ ରେ ଏକ ମାମଲା ରୁଜୁ କରାଯାଇଛି।

### ୫ ହଜାର ଜରିମାନା ଆଦାୟ

ବଇଣ୍ଡା,୭।୫(ଡି.ଏନ.ଏ.): ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାର ହଣ୍ଡପା ଥାନା ବଡହୁଲା ନିକଟରେ ଶନିବାର ହଣ୍ଡପା ପୋଲିସ ଗାଡିମୋଟର ଯାଞ୍ଚ କରାଯାଇଛି। ଉଭୟ ପାର୍ଶ୍ୱରୁ ଆସୁଥିବା ଗାଡ଼ିଗୁଡିକୁ ଅଟକାଯାଇ କାଗଜପତ୍ର, ଲାଇସେନ୍ସ, ହେଲମେଟ, ସିଟ୍‌ବେଲ୍ଟ ଆଦି ଯାଞ୍ଚ କରାଯାଇଥିଲା। ଏଥିରେ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

### ୨ ଟ୍ରକ୍ ଧକ୍କା, ଚାଳକ ଗୁରୁତର



ଛେଣ୍ଡିପଦା,୭।୫(ସ୍ୱ.ପ୍ର.): ୧୫୩ ବି ଜାତୀୟ ରାଜପଥର ଛେଣ୍ଡିପଦା ଥାନା ଅଧୀନ ଚାରିବାଟି ହମ୍ପସ ନିକଟରେ ଏକ ଟ୍ରକ୍‌କୁ ପଛରୁ ଆଉ ଏକ ଟ୍ରକ୍ ଧକ୍କା ଦେବାରୁ ଜଣେ ଚାଳକ ଗୁରୁତର ହୋଇଛନ୍ତି। ତାଙ୍କ ପରିଚୟ ମିଳି ପାରିନାହିଁ। ପ୍ରକାଶ ଯେ, ଦେବଗଡରୁ ତାଳଚେର କୋଇଲା ଖଣିକୁ ୨ଟି ୧୨ ଚକିଆ ଟ୍ରକ୍ ଯାଉଥିବାବେଳେ ବୁଢାପାଳରୁ ଛେଣ୍ଡିପଦା ଯାଇଥିବା ଉକ୍ତ ଜାତୀୟ ରାଜପଥର ଚାରିବାଟି ଛକ ହମ୍ପସରେ ଆଗ ଟ୍ରକ୍‌କୁ ପଛରୁ ଯାଉଥିବା ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ପଛ ଟ୍ରକ୍ ଚାଳକ ଗାଡ଼ି ମଧ୍ୟରେ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପୋଲିସ ଟ୍ରକ୍ ଦୁଇଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

### ରାଜପଥରେ ସିରିଜ୍ ଦୁର୍ଘଟଣା



ପାଲଲହଡା,୭।୫(ଡି.ଏନ.ଏ.)- ପାଲଲହଡା ଥାନା ୧୪୯ ନମ୍ବର ଜାତୀୟ ରାଜପଥ ପେଣ୍ଡେରାବସା ନିକଟରେ ଶନିବାର ଅପରାହ୍ନରେ ସିରିଜ୍ ଦୁର୍ଘଟଣା ଘଟିଛି। ଓଭରଟେକ ବେଳେ ୩ଟି ଟ୍ରକ୍ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଦୁଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ସହ ପଛପଟୁ ଆଉ ଏକ ଟ୍ରକ୍ ଧକ୍କା ଦେବା ଫଳରେ ଜଣେ ଗୁରୁତର ହୋଇଛନ୍ତି। ଅନ୍ୟ ଦୁଇ ଜଣ ଆହତ ହୋଇଛନ୍ତି। ଗୁରୁତର ପାଲଲହଡା ଥାନା ଡିମିରିରିଆ ଗ୍ରାମର ଘନ ମହାନ୍ତ (୨୨) ଓ ଆହତମାନଙ୍କୁ ପାଲଲହଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଘନଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ୧ ଘଣ୍ଟା ଧରି ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ହଟାଇବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ଆର୍ମି ପରୀକ୍ଷା ହେଉ ନ ଥିବାରୁ ଅସନ୍ତୋଷ



ଅସନ୍ତୋଷ ସମ୍ପର୍କରେ ପ୍ରଶାସନକୁ ଅବଗତ କରିବାକୁ ଆସିଥିବା ଆଶାୟୀ ପରୀକ୍ଷାର୍ଥୀମାନେ।

ଅନୁଗୋଳ ଅଫିସ, ୭।୫

- ଅପେକ୍ଷାରେ ଅଛନ୍ତି ଅନୁଗୋଳର ୧୧୮
- ଆଜି ୫୫ନଂ. ଜାତୀୟ ରାଜପଥ ଅବରୋଧ
- ଉପଜିଲାପାଳ, ପୋଲିସକୁ କଲେ ଅବଗତ

ଆର୍ମି ନିଯୁକ୍ତି ମେଳାରେ ଯୋଗଦେଇ ଶାରୀରିକ ଓ ଡାକ୍ତରୀ ପରୀକ୍ଷାରେ କୃତକାର୍ଯ୍ୟ ହେଲେ। କିନ୍ତୁ ଲିଖିତ ପରୀକ୍ଷା ଏଯାଏ ହେଉ ନ ଥିବାରୁ ଅନୁଗୋଳର ୧୧୮ ଆଶାୟୀ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବୟସ ଗଡ଼ିଯାଉଥିବାରୁ ତୁରନ୍ତ ପରୀକ୍ଷା କରାଯିବା ଦାବିରେ ଏହି ଆଶାୟୀ ଯୁବକମାନେ ଆନ୍ଦୋଳନ ପାଇଁ ରବିବାର ରାଜପଥକୁ ଓହ୍ଲାଇବେ ବୋଲି ଶନିବାର ଅନୁଗୋଳ ଉପଜିଲାପାଳଙ୍କ ସହ ପୋଲିସକୁ ଅବଗତ କରିଛନ୍ତି।

ପ୍ରକାଶ ଯେ, ସମ୍ବଲପୁରଠାରେ ସ୍ଥଳସେନା ନିଯୁକ୍ତି କାର୍ଯ୍ୟାଳୟ (ଏଆର୍‌ଓ) ପକ୍ଷରୁ ୨୦୨୧ ମାର୍ଚ୍ଚ ୨ରୁ ୧୨ ତାରିଖ ପର୍ଯ୍ୟନ୍ତ ଗୋପାଳପୁରଠାରେ ନିଯୁକ୍ତି ମେଳା କରାଯାଇଥିଲା। ଉକ୍ତ ନିଯୁକ୍ତି ମେଳାରେ ଶାରୀରିକ ପରୀକ୍ଷା ପରେ ମେଡିକାଲ ଯାଞ୍ଚ ହୋଇଥିଲା। ଏହାପରେ ଲିଖିତ ପାରୀକ୍ଷା ପାଇଁ ମେ ୩୦କୁ ତାରିଖ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ସେତେବେଳେ ଦେଶରେ କରୋନାର ମାତ୍ରାଧିକ ପ୍ରଭାବ ଥିବାରୁ ହେବାକୁ ଥିବା ଲିଖିତ ପରୀକ୍ଷାକୁ ବାତିଲ କରାଯାଇ ନୂଆ ତାରିଖ ଜୁଲାଇ ୨୫କୁ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ପରୀକ୍ଷାର ଗୋଟିଏ ଦିନ ପୂର୍ବରୁ ଲିଖିତ ପରୀକ୍ଷା ପୁଣି ବାତିଲ ହୋଇଥିଲା। ସେବେଠାରୁ ପରୀକ୍ଷା ପାଇଁ ଆଉ ତାରିଖ ଦିଆଯାଉନାହିଁ। କେବେ ପରୀକ୍ଷା ହେବ ସେ ନେଇ ମଧ୍ୟ ସ୍ପଷ୍ଟ ଚିତ୍ର ଏଯାଏ ଆସୁନାହିଁ। ଫଳରେ ପରୀକ୍ଷା ଦେବାକୁ ଯୋଗ୍ୟ ବିବେଚିତ ହୋଇଥିବା ଯୁବକମାନେ ଏ ନେଇ ସମ୍ବଲପୁରରୁ ଅନୁଗୋଳ ପର୍ଯ୍ୟନ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ନିକଟକୁ ବାରମ୍ବାର ଧାଉଁଥିଲେ ମଧ୍ୟ କିଛି ସନ୍ତୋଷଜନକ ଉତ୍ତର ମିଳୁନାହିଁ। ଚିଠି ଆସିଲେ ଜଣାଇ ଦିଆଯିବ ବୋଲି କେବଳ କୁହାଯାଉଥିବା ଅଭିଯୋଗ ହେଉଛି। ଇତିମଧ୍ୟରେ ପୂର୍ବପରି କରୋନା ସଂକ୍ରମଣ ଦେଶରେ ନାହିଁ। ଅନ୍ୟ ପାରା ମିଲିଟାରି ନିଯୁକ୍ତି ମଧ୍ୟ ହେଲାଣି। ଏପରି କି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ପରିଚାଳିତ ଅନ୍ୟାନ୍ୟ ପରୀକ୍ଷା ହେଉଥିବାବେଳେ ଆର୍ମି ନିଯୁକ୍ତି ପରୀକ୍ଷା କାହିଁକି କରାଯାଉନାହିଁ ବୋଲି ଅପେକ୍ଷା କରିଥିବା ଯୁବକମାନେ ପ୍ରଶ୍ନ କରିଛନ୍ତି। ତୁରନ୍ତ ପରୀକ୍ଷା ତାରିଖ ଧାର୍ଯ୍ୟ କରିବା ସହ ବୟସରେ କୋହଳ କରିବାକୁ ସେମାନେ କରିଛନ୍ତି। ତେବେ ପ୍ରତିରକ୍ଷା ବିଭାଗ ପକ୍ଷରୁ ଏହି ପରୀକ୍ଷା ପରିଚାଳନା କରାଯାଉଥିବାରୁ ଜିଲା ପ୍ରଶାସନ କିଛି କରିପାରିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

**ଭବିଷ୍ୟତରେ ସମସ୍ୟା ହେଲେ କିଏ ଦାୟୀ ରହିବେ**



ସୈନ୍ୟବାହିନୀରେ ନିଯୁକ୍ତି ପାଇଁ ରକ୍ତକୁ ପାଣି କରି ପରିଶ୍ରମ କରିଛୁ। ଶାରୀରିକ ଓ ଡାକ୍ତରୀ ପରୀକ୍ଷାରେ ମଧ୍ୟ କୃତକାର୍ଯ୍ୟ ହୋଇଛୁ। କିନ୍ତୁ ଲିଖିତ ପରୀକ୍ଷା କରାଯାଉନାହିଁ। ଯଦି ଆଗକୁ କୌଣସି କାରଣରୁ କିଛି ଅସୁବିଧା ହେଲା, ତେବେ ଏ ନେଇ କିଏ ଦାୟୀ ରହିବେ।

-ଅବନୀ ରଞ୍ଜନ ସାହୁ

**ସମସ୍ତେ ଚିନ୍ତାରେ ରହୁଛନ୍ତି**



ପରୀକ୍ଷା କେବେ କରାଯିବ ତାହା କୁହାଯାଉ ନାହିଁ। ଏହାକୁ ନେଇ ସମସ୍ତେ ଚିନ୍ତାରେ ରହୁଛନ୍ତି। ଦେଶରେ ବେକାରି ସମସ୍ୟା ବଢୁଥିବା ବେଳେ ଆର୍ମି ନିଯୁକ୍ତି ଏ ଦିଗରେ କିଛିଟା ଆଶ୍ୱାସନା ହୋଇପାରନ୍ତା। ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନିଅନ୍ତୁ।

-ବିବେକ ଦେବତା

**ଚୂଡ଼ାନ୍ତ ତାରିଖ ପ୍ରଦାନ କରାଯାଉ**



ଲିଖିତ ପରୀକ୍ଷା ବାରମ୍ବାର ବାତିଲ ପରେ ଆଗାମୀ ପରୀକ୍ଷା ନେଇ ସରକାର ଚୁପ୍ ହୋଇ ବସି ଯାଇଛନ୍ତି। ଆଶାୟୀ ଯୁବକମାନଙ୍କ କଥା ଚିନ୍ତା କରି କେନ୍ଦ୍ର ସରକାର ନିର୍ଦ୍ଦିଷ୍ଟ ତାରିଖ ପ୍ରଦାନ କରନ୍ତୁ। ଏହା ହେଲେ ଆଶାୟୀମାନେ ଆଶ୍ୱସ୍ତି ଲାଭ କରିବେ।

-ସୌମ୍ୟରଞ୍ଜନ ଗଡ଼ନାୟକ

**ବୟସ କୋହଳ କରାଯାଉ**



ଲିଖିତ ପରୀକ୍ଷା କରାଯାଉ ନ ଥିବାବେଳେ ଆଶାୟୀମାନଙ୍କ ବୟସ ମଧ୍ୟ ବଢ଼ିବାରେ ଲାଗିଛି। ଆଉ କିଛି ଦିନ ପରେ ନିଯୁକ୍ତି ବୟସ ଚାଲିଯିବ। ଫଳରେ ସେମାନଙ୍କ ପାଇଁ ସୁଯୋଗ ରହିବ ନାହିଁ। ତେଣୁ ୨ ବର୍ଷ ବୟସ କୋହଳ କରାଯାଉ।

-ଚନ୍ଦ୍ରକାନ୍ତ ପ୍ରଧାନ

## ପୁନଃ ନିଯୁକ୍ତି ଯୋଜନା ଉପରେ ଗୁରୁତ୍ୱ

ଅନୁଗୋଳ ଅଫିସ,୭।୫

ଅନୁଗୋଳ ଜିଲା କଣିହାଁସ୍ଥିତ ଜାତୀୟ ତାପଜ ବିଦ୍ୟୁତ୍ କେନ୍ଦ୍ର (ଏନ୍‌ଟିପିସି) ଓ ତାଳଚେରସ୍ଥିତ ତାପଜ ବିଦ୍ୟୁତ୍ କେନ୍ଦ୍ର (ଟିଟିପିଏସ୍)ର ବିଭିନ୍ନ ସମସ୍ୟାକୁ ନେଇ ଏକ ବୈଠକ ଶନିବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ପ୍ରମୁଖ ଯୋଗ ଦେଇଥିଲେ। ୨ଟି ପ୍ଲାଣ୍ଟ ପାଇଁ ବିସ୍ଥାପିତ ହୋଇଥିବା ଲୋକମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା। ପାରିପାର୍ଶ୍ୱିକ ଉନ୍ନୟନ ଓ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ପ୍ରଦାନ ସମ୍ପର୍କରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏହାଛଡା ଯେଉଁମାନେ ତାଳଚେର ଥର୍ମାଲ ପ୍ଲାଣ୍ଟରୁ ଛଟେଇ ହୋଇଛନ୍ତି, ସେମାନଙ୍କ ପୁନଃ ନିଯୁକ୍ତି ନିମନ୍ତେ ଏକ ଯୋଜନା ପ୍ରସ୍ତୁତ କରି ଭବିଷ୍ୟତରେ ଏହାକୁ କାର୍ଯ୍ୟକାରୀ କରିବାକୁ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ତାଳଚେର ଉପଜିଲାପାଳ ବିଶ୍ୱ ରଞ୍ଜନ ରଥ, ଭୂ-ଅର୍ଜନ ଅଧିକାରୀ ମଧୁସ୍ମିତା ବିଶିଙ୍କ ସମେତ ପ୍ଲାଣ୍ଟ କର୍ତ୍ତୃପକ୍ଷ ଓ ନିର୍ବାଚିତ ଲୋକ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ।

## ବଡ଼ଦାଣ୍ଡସାହି ରାସ୍ତା ନବୀକରଣ ଦାବି

ଆଠମଲ୍ଲିକ,୭।୫(ଡି.ଏନ.ଏ.)



ଆଠମଲ୍ଲିକ ସହରସ୍ଥିତ ବଡ଼ଦାଣ୍ଡ ରାସ୍ତା।

ଚଳିତବର୍ଷ ରଥଯାତ୍ରା ପୂର୍ବରୁ ଆଠମଲ୍ଲିକ ସହରସ୍ଥିତ ବଡ଼ଦାଣ୍ଡର ନବୀକରଣ କରିବାକୁ ସାଧାରଣରେ ଦାବି ହେଉଛି। ଦୀର୍ଘଦିନ ହେବ ଏହି ରାସ୍ତା ମରାମତି କରାଯାଇ ନାହିଁ। ପାନୀୟ ଜଳ ଯୋଗାଣ ପାଇଁ ରାସ୍ତା ଖୋଳି ପାଇପ ପକାଇବା କାରଣରୁ ଖାଲଖମା ସୃଷ୍ଟି ହୋଇଛି। ଗତ ଦୁଇ ବର୍ଷ ହେବ କରୋନା କଟକଣା ଯୋଗୁ ରଥଯାତ୍ରା ହୋଇ ନ ଥିବାବେଳେ ଚଳିତ ବର୍ଷ ରଥଯାତ୍ରା ଅନୁଷ୍ଠିତ ହେବା ସମ୍ଭାବନା ରହିଛି। ତେଣୁ ଏହା ପୂର୍ବରୁ ପୂର୍ତ୍ତ ବିଭାଗ ତରଫରୁ ବଡ଼ଦାଣ୍ଡର ନବୀକରଣ କାର୍ଯ୍ୟ ଆରମ୍ଭ କରିବାକୁ ଦାବି ହେଉଛି। ସେହିପରି ବଡ଼ଦାଣ୍ଡର ଉଭୟ ପାର୍ଶ୍ୱ ଡ୍ରେନ ମୁକୁଳା ପଡିଥିବାରୁ ଏନଏସି ପକ୍ଷରୁ ଘୋଡ଼ଣି ପକାଯିବାକୁ ପଣ୍ଡିତ ରାଧାମୋହନ ତ୍ରିପାଠୀ ଓ ହୃଦାନନ୍ଦ ସାହୁ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ବିଜୟ ସାହୁ କହିଛନ୍ତି, ବଡ଼ଦାଣ୍ଡର ନବୀକରଣ ପାଇଁ ବିଭାଗ ତରଫରୁ ପ୍ରସ୍ତାବ ଦିଆଯାଇଛି।

## ଶନିଶ୍ଚରଙ୍କ ବାର୍ଷିକ ପୂଜା

ବଇଣ୍ଡା,୭।୫(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା, ଗାଁ ବଇଣ୍ଡା, ହଣ୍ଡପା ଆଦି ଗ୍ରାମ ଶନି ମନ୍ଦିରରେ ଶନିଶ୍ଚରଙ୍କ ବାର୍ଷିକ ପୂଜା ମହାସମାରୋହ ପାଳିତ ହୋଇଯାଇଛି। କଳସରେ ପାଣି ଅଣାଯିବା ରିତିନୀତି ଅନୁଯାୟୀ ପୂଜା କରାଯାଇଥିଲା। ବହୁ ମାନସିକ ଧାରୀ ମହିଳା ନୂତନ ବସ୍ତ୍ର ଦେଇ ପୂଜା କରିଥିଲେ। ଜଗତ ମୋହନ ମିଶ୍ର, ମଦନ ମୋହନ ମିଶ୍ର, ରାଜେଶ କୁମାର ମିଶ୍ର, ଦୀପକ ମହାପାତ୍ର, ତ୍ରିନାଥ ମହାପାତ୍ର, ପପୁ ନନ୍ଦ ପ୍ରମୁଖ ପୂଜା କରିଥିଲେ। ମନ୍ଦିର କମିଟି ପକ୍ଷରୁ ଖରାକୁ ଦୃଷ୍ଟି ରେ ରଖି ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ସୁଦାମ ଚରଣ ସାହୁ, ସଞ୍ଜୟ କୁମାର ସାହୁ, ରାଜେନ୍ଦ୍ର କୁମାର ସାହୁ, ହଡ଼ା ମହାପାତ୍ରଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## କାର୍ଯ୍ୟକ୍ଷମ ହୋଇପାରୁନି ଉପଖଣ୍ଡ ମାତୃ ଶିଶୁ ଭବନ

ପାଲଲହଡା, ୭।୫(ଡି.ଏନ.ଏ.)

**ବର୍ଷକର କାମ ୩ ବର୍ଷ ହେଲା ସରୁନି**



ନିର୍ମାଣାଧୀନ ମାତୃ ଓ ଶିଶୁ ଭବନ।

ପାଲଲହଡା ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ପରିସରରେ ନିର୍ମାଣ ହେଉଥିବା ୩୦ ଶଯ୍ୟା ବିଶିଷ୍ଟ ମାତୃ ଏବଂ ଶିଶୁ ଭବନ କାର୍ଯ୍ୟ ଶେଷ ହେଉ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ବର୍ଷକ ମଧ୍ୟରେ କାର୍ଯ୍ୟ ସାରିବାକୁ ଠିକା ସଂସ୍ଥା ଚୁକ୍ତି କରିଥିବା ବେଳେ ୩ ବର୍ଷ ପରେ ମଧ୍ୟ ନିର୍ମାଣ ଜାରି ରହିଛି।

ପ୍ରକାଶ ଯେ, ୬ କୋଟି ୧୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ମାତୃ ଓ ଶିଶୁଭବନ ନିର୍ମାଣ ପାଇଁ ୨୦୧୯ ମସିହାରେ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଭୁବନେଶ୍ୱରର ଏକ ଠିକା ସଂସ୍ଥାକୁ ଏଥିପାଇଁ ଚୟନ କରାଯାଇଥିଲା। ଉକ୍ତ ଠିକା ସଂସ୍ଥା ୨୮ ମାର୍ଚ୍ଚ ୨୦୧୯ରେ କାମ ଆରମ୍ଭ କରି ୧ ଜୁନ ୨୦୨୦ ମଧ୍ୟରେ ଶେଷ କରିବ ବୋଲି ପୂର୍ତ୍ତ ବିଭାଗ ସହ ଚୁକ୍ତି କରିଥିଲା। ହେଲେ ୩ ବର୍ଷ ବିତିଯାଇଥିଲେ ମଧ୍ୟ କାମ ସରୁନାହିଁ। ଅପରପକ୍ଷରେ ପୂର୍ତ୍ତ ବିଭାଗ ପକ୍ଷରୁ କାର୍ଯ୍ୟର ଅବଧିକୁ ବାରମ୍ବାର ବୃଦ୍ଧି କରାଯାଉଛି। ଏ ସମ୍ପର୍କରେ ଠିକା ସଂସ୍ଥା ପକ୍ଷରୁ କୁହାଯାଇଛି, କାମ ଶେଷ ପର୍ଯ୍ୟାୟରେ ରହିଛି। ମେ' ମାସ ଶେଷ ସୁଦ୍ଧା ଏହା ହସ୍ତାନ୍ତର କରାଯିବ। ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀ କହିଛନ୍ତି, କାର୍ଯ୍ୟରେ ବିଳମ୍ବ ପାଇଁ ଠିକା ସଂସ୍ଥାକୁ ବାରମ୍ବାର ତାଗିଦ୍ କରାଯାଇଛି। ସରକାରୀ ନିୟମ ମୁତାବକ ବିଳମ୍ବ ପାଇଁ ପ୍ରାପ୍ୟରୁ ପେନାଲଟି କଟାଯିବା ପାଇଁ ଲେଖାଯାଇଛି। ଚଳିତ ମାସ ଶେଷ ସୁଦ୍ଧା କାର୍ଯ୍ୟ ଶେଷ ହୋଇଯିବ।

## ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ ତରଫରୁ ସ୍ମାରକପତ୍ର

ଅନୁଗୋଳ ଅଫିସ,୭।୫




କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଅନୁଗୋଳ ଜିଲା ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଭା ଶନିବାର ଅନୁଷ୍ଠିତ ହୋଇଥିଲା। ଅଭିଯାନର ସଂଯୋଜକ ବିଶ୍ୱମ୍ବର ସାହୁ ଏହାର ନେତୃତ୍ୱ ନେଇଥିଲେ। ବିଶ୍ୱହିନ୍ଦୁ ପରିଷଦ ଓଡ଼ିଶା ପ୍ରାନ୍ତ ସାଧାରଣ ସମ୍ପାଦକ ପଣ୍ଡିତ ମହେଶ ସାହୁ ଏଥିରେ ଯୋଗଦେଇ କହିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ପ୍ରତ୍ୟେକ ଓଡ଼ିଆଙ୍କ ପରିଚୟ ତଥା ପରମ ଆରାଧ୍ୟ। ତାଙ୍କର ନିବାସ ଶ୍ରୀମନ୍ଦିର ହେଉଛି ସମଗ୍ର ହିନ୍ଦୁ ସମାଜର ଆସ୍ଥା, ବିଶ୍ୱାସ ତଥା ସଂସ୍କୃତିର ପ୍ରାଣକେନ୍ଦ୍ର। କିନ୍ତୁ ସରକାରଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଯୋଗୁ ଶ୍ରୀମନ୍ଦିର ପ୍ରତି ବିପଦ ସୃଷ୍ଟି ହୋଇଛି। ତେଣୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ଶ୍ରୀମନ୍ଦିରର ଆଧାତ୍ମିକ ସ୍ୱାତନ୍ତ୍ର୍ୟକୁ ରକ୍ଷା କରନ୍ତୁ। ଏ ନେଇ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ସାହୁ, ବନବିହାରୀ ପଟ୍ଟନାୟକ, ମହାଦେବ ବେହେରା, ବିଜୟ ମୋଦି, ଅଭୟ ରାୟ, ସନ୍ଥ ବିଷ୍ଣୁ ଆଦିନନ୍ଦ ଦାସ, ସନ୍ଥ ମହେଶ ଚୈତନ୍ୟ, ଗୋପାଳ ମାହେଶ୍ୱରୀ, ମନୋଜ ଦେହୁରୀ, ଲମ୍ବୋଦର ବେହେରା, ସୁକାନ୍ତ ନାଥ, ପ୍ରମୋଦ ମୋଦି, ଦିଲେଶ୍ୱର ପ୍ରଧାନ, ସୋମନାଥ ରାଉତ, ଅନିଲ ମହାନ୍ତି, ଦୀପକ ଅଗ୍ରୱାଲ, ଭୁବନାନନ୍ଦ ପ୍ରଧାନ, ମାୟାଧର ସାହୁ, ସୁଦର୍ଶନ ପରିଡ଼ା, ଲୁଲୁ ଦାସ, ସୁଶୀଲ ପଟେଲ, ପ୍ରଶାନ୍ତ ସାହୁ, ଚିନ୍ମୟ ସାମଲ, ବୈଦ୍ୟନାଥ ସାମଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## କପିକରି ଧରାପଡ଼ିଛନ୍ତି ୪ ପରୀକ୍ଷାର୍ଥୀ

ଅନୁଗୋଳ ଅଫିସ,୭।୫

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଚାଲିଥିବା ମାଟ୍ରିକ୍ ପରୀକ୍ଷା ଶନିବାର ଶେଷ ହୋଇଛି। ଶେଷ ଦିନ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରି ଜଣେ ଧରାପଡିଥିବା ଅନୁଗୋଳ ଜିଲା ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଜିଲାରେ ଚଳିତବର୍ଷ ମୋଟ ୪ ଜଣ କପି କରି ଧରାପଡିଛନ୍ତି। ତେବେ ପ୍ରଶ୍ନପତ୍ର ଲିକ୍ ଅଭିଯୋଗକୁ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଖଣ୍ଡନ କରିଛନ୍ତି। ଜିଲାରେ ମୋଟ ୧୭ ହଜାର ୪୪୫ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ନାମ ପଞ୍ଜୀକରଣ କରିଥିବାବେଳେ ୧୬ ହଜାର ୫୫୨ଜଣ ପରୀକ୍ଷା ଦେଇଥିଲେ। ୮୯୩ ଜଣ ପରୀକ୍ଷା ଦେଇ ନ ଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଆସନ୍ତା ୯ ଓ ୧୦ ତାରିଖରେ କଣିହାଁ ପି.ଏମ୍. ହାଇସ୍କୁଲରେ ମଧ୍ୟମା ପରୀକ୍ଷାର୍ଥୀଙ୍କ ସାମାଜିକ ବିଜ୍ଞାନ ଓ ଇଂଲିଶ ପରୀକ୍ଷା ଆୟୋଜନ କରାଯିବ। ମୋଟାମୋଟି ଭାବେ ଅନୁଗୋଳରେ ଶାନ୍ତିଶୃଙ୍ଖଳା ସହ ପରୀକ୍ଷା ଶେଷ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

# ୪୫ ଦିନ ମଧ୍ୟରେ ନିଯୁକ୍ତି ଦିଅ

ଅନୁଗୋଳ ଅଫିସ,୭।୫

**ଏମ୍‌ସିଏଲ୍ ବିସ୍ଥାପିତଙ୍କ ସମସ୍ୟା ଉପରେ ଆଲୋଚନା**




ବୈଠକରେ ଜିଲାପାଳଙ୍କ ସହିତ ଅନ୍ୟ ଅଧିକାରୀମାନେ।

ଅନୁଗୋଳ ଜିଲା ତାଳଚେରଠାରେ ଥିବା ମହାନଦୀ କୋଇଲାଖଣିର ଭୁବନେଶ୍ୱରୀ ଓ ହିଙ୍ଗୁଳା କ୍ଷେତ୍ର ଅନ୍ତର୍ଗତ ଖଣି ବିସ୍ଥାପିତ ପରିବାରର ବିଭିନ୍ନ ସମସ୍ୟାକୁ ନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ପ୍ରମୁଖ ଯୋଗ ଦେଇଥିଲେ। ଖଣି ବିସ୍ଥାପିତ ପରିବାରଙ୍କ ଥଇଥାନ କଲୋନୀର ଉନ୍ନତୀକରଣ କରିବାକୁ ଏମ୍‌ସିଏଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ୧୫୭ ଜଣ ପରିବାର ଚାକିରି ପାଇଁ ଆବେଦନ କରିଥିବାବେଳେ ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୩୧ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ବାକି ରହିଥିବା ୨୬ ଜଣଙ୍କୁ ଆସନ୍ତା ୪୫ ଦିନ ମଧ୍ୟରେ ନିଯୁକ୍ତି ଦେବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ଏହାଛଡା ଖଣି ଅଞ୍ଚଳର ଲୋକମାନଙ୍କ ବିଭିନ୍ନ ସମସ୍ୟାକୁ ଗୁରୁତ୍ୱର ସହ ସମାଧାନ କରିବାକୁ ଏମ୍‌ସିଏଲ୍ କର୍ତ୍ତୃପକ୍ଷକୁ ପରାମର୍ଶ ଦିଆଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଭୂ ଅର୍ଜନ ଅଧିକାରୀ ରତନ କୁମାର ଆଚାର୍ଯ୍ୟଙ୍କ ସମେତ ନିର୍ବାଚିତ ଲୋକ ପ୍ରତିନିଧି ଓ ଉପରୋକ୍ତ ୨ଟି କ୍ଷେତ୍ରର କର୍ମକର୍ମୀମାନେ ଯୋଗ ଦେଇଥିଲେ।



ଅନୁଗୋଳ ସହରର ଜଣେ ବୃଦ୍ଧା ନାତୁଣୀନାତିଙ୍କ ପାଇଁ ସାଇକେଲ ନେଇ ଯାଉଛନ୍ତି। (ଫଟୋ- ବୁବୁ)

## ବେଆଇନ ଗୋରୁ ବୋଝେଇ ଟ୍ରକ୍‌କୁ ପୋଲିସ ଜିମା

ସାରସକଣା, (ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଞ୍ଚଳ ଦେଇ ଚାଲାଣ ବେଳେ ଏକ ଗୋରୁ ବୋଝେଇ ଟ୍ରକ୍‌କୁ ଦେବସେନା ଓ ବଜରଙ୍ଗ ଦଳର ସଦସ୍ୟମାନେ ଧରି ପୋଲିସ ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ, ଶନିବାର ଭୋରରେ ବମ୍ପେ ଛକ ଗୋଲେଇ ନିକଟରେ ଉକ୍ତ ଟ୍ରକ୍‌ରେ ୫୦ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ଅମାନୁଷିକ ଭାବେ ବନ୍ଧାଯାଇ ବୋଝେଇ କରି ନିଆଯାଉଥିଲା। ଖବରପାଇ ଦେବସେନାର ଓଡ଼ିଶା ଭାଇସ୍ ପ୍ରେସିଡେଣ୍ଟ ପ୍ରଦୀପ କୁମାର ଦାସ ଓ ବଜରଙ୍ଗ ଦଳର କେତେଜଣ ସାଥୀ ଟ୍ରକ୍‌କୁ ଅଟକାଇଥିଲେ।

## ଆଜି କ'ଣ କେଉଁଠି

ଭୋଗରାଇ

- ଭୋଗରାଇ ଉତ୍ସବ ଉଦ୍‌ଘାଟିତ। ସ୍ଥାନ: ଥାନା ଛକ ହେଲିପ୍ୟାଡ୍ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ୧୧ ନିଶାସକ୍ତ ଡ୍ରାଇଭରଙ୍କୁ କୋର୍ଟଚାଲାଣ

ବାରିପଦା ଅଫିସ,୭।୫-ମାନ୍ୟବର ସୁପ୍ରିମ କୋର୍ଟଙ୍କ ଆଦେଶକୁ ଭିତ୍ତି କରି ମୟୂରଭଞ୍ଜ ଜିଲା ପୋଲିସ ପକ୍ଷରୁ ମଦୁଆ ଚାଳକଙ୍କୁ ଯାଞ୍ଚ କରାଯାଇଛି। ବାରିପଦା ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି ୬ଜଣ ଓ ଆଞ୍ଚଳିକ ପରିବହନ ଅଧିକାରୀ ୫ଜଣ ମଦ୍ୟପ ଡ୍ରାଇଭରଙ୍କୁ ଚିହ୍ନଟ କରି ସେମାନଙ୍କ ଲାଇସେନ୍ସକୁ ରଦ୍ଦ କରିଛନ୍ତି। ସେମାନେ ଚଳାଉଥିବା ୧୧ ଗାଡିକୁ ଜବତ କରାଯାଇଥିବା ବେଳେ ୧୧ଜଣ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଟ୍ରେନ୍‌ରେ କଟି ଯୁବକ ମୃତ

ଜଳେଶ୍ୱର, ୭।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ଜଳେଶ୍ୱର ରେଳଷ୍ଟେଶନର ୧ନଂ. ପ୍ଲାଟଫର୍ମ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ଯୁବକ ଟ୍ରେନ୍‌ରେ କଟି ପ୍ରାଣ ହରାଇଛନ୍ତି। ସେ ହେଉଛନ୍ତି ଝାଡ଼େଶ୍ୱରପୁର ଅଞ୍ଚଳର ଶମ୍ଭୁନାଥ ପାତ୍ର (୨୫)। ଶନିବାର ସକାଳେ ଜଣାଯିବା ପରେ ଜିଆର୍‌ପି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏହା ଆତ୍ମହତ୍ୟା ବୋଲି ଅନୁମାନ କରାଯାଉଛି।

## ସାପ କାମୁଡ଼ାରେ ନାବାଳିକା ମୃତ

ପଦ୍ମପୁର, ୭।୫ (ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ରାଜଘରପୋଖରୀ ପଞ୍ଚାୟତ ଲକ୍ଷ୍ମୀପ୍ରସାଦ ଗ୍ରାମରେ ସାପ କାମୁଡ଼ାରେ ଲିଜାରାଣୀ ଦାସ ନାମ୍ନୀ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଲିଜା ଶୁକ୍ରବାର ଅପରାହ୍ନରେ ବାଡ଼ିରେ ବିଲାତି କଇଆଁ ତୋଳି ଖାଉଥିବା ବେଳେ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନାୟକାଣିଡିହି ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ଛାତ୍ରୀଙ୍କ ଉପରକୁ କପି ଫିଙ୍ଗିଲେ ଶିକ୍ଷକ

### ୨୫ ହଜାର ନ ଦେଲେ ଏମ୍‌ପି କରାଇଦେବାକୁ ଧମକ

ଲଙ୍ଗଳେଶ୍ୱର, ୭।୫(ଡି.ଏନ.ଏ.)-ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ରଙ୍କୁ କପି ବାଣ୍ଟୁଥିବା ବେଳେ ଅଚାନକ ପରୀକ୍ଷା ନିରୀକ୍ଷକ ଆସିଯିବାରୁ ନିଜକୁ ବଞ୍ଚାଇବାକୁ ଯାଇ ଜଣେ ଛାତ୍ରୀଙ୍କ ଉପରକୁ ପରୀକ୍ଷାକେନ୍ଦ୍ର ଦାୟିତ୍ୱରେ ଥିବା ଶିକ୍ଷକ କପି ଫିଙ୍ଗିଦେଇଥିବା ଅଭିଯୋଗ ହୋଇଛି। ଉକ୍ତ ଛାତ୍ରୀଙ୍କ ପାଖରୁ କପି ବାହାରିବାରୁ ପରୀକ୍ଷା ନିରୀକ୍ଷକ ଆଡ଼ମିଟ୍ କାର୍ଡ଼ ନେଇଯିବା ସହ ଏକ ଫର୍ମରେ ଦସ୍ତଖତ କରାଇନେଇଥିଲେ। ପରୀକ୍ଷା କେନ୍ଦ୍ର ଅଧୀକ୍ଷକ ତାଙ୍କୁ ଏମ୍‌ପି କରାଇଦେବାକୁ ଧମକ ଦେଇ ଉକ୍ତ ଛାତ୍ରୀଙ୍କୁ ୨୫ହଜାର ଟଙ୍କା ଦେବା ପାଇଁ ଦାବି କରୁଛନ୍ତି। ଯାହାକୁ ନେଇ ଛାତ୍ରୀ ଜଣକ ମାନସିକ ଭାରସାମ୍ୟ ହରାଇ ବସିଛନ୍ତି । ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଏକ ବିଦ୍ୟାଳୟରେ ଏଭଳି ଘଟଣା ଘଟିଛି। ଛାତ୍ରୀ ଜଣକ ଅତ୍ୟନ୍ତ ଗରିବ ପରିବାରର ହୋଇଥିବାରୁ ବିନା ଦୋଷରେ ତାଙ୍କ ଝିଅକୁ ଫସେଇ ଦିଆଯାଇଥିବାରୁ ସେ ନ୍ୟାୟ ପାଇଁ ନିବେଦନ କରିଛନ୍ତି।

## ବିଶିଷ୍ଟ ସଙ୍ଗୀତ ଶିଳ୍ପୀ କୃଷ୍ଣଚନ୍ଦ୍ର ବେହେରାଙ୍କ ପରଲୋକ

କେନ୍ଦୁଝର, ୭।୫(ସ୍ୱ.ପ୍ର./ଡି.ଏନ.ଏ.): କେନ୍ଦୁଝର ସହରର ବିଶିଷ୍ଟ କଣ୍ଠଶିଳ୍ପୀ ତଥା ଅବସରପ୍ରାପ୍ତ ରେଞ୍ଜର କୃଷ୍ଣଚନ୍ଦ୍ର ବେହେରାଙ୍କ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ସେ ଜଣେ ଭଜନପ୍ରେମୀ ଥିବା ସହ ତାଙ୍କ ପୁଅ ରାଜେନ୍ଦ୍ର ବେହେରା ଓ ପୁତ୍ରବଧୂ ସୁନୀତାଙ୍କ ସଂଯୋଜନାରେ "ସୁର ନିକେତନ', ସଙ୍ଗୀତ ଅନୁଷ୍ଠାନ ପ୍ରତିଷ୍ଠା ଲାଭ କରି ଅନେକ ଛାତ୍ରୀଛାତ୍ରଙ୍କୁ ସଙ୍ଗୀତ ଓ ଯନ୍ତ୍ର ସଙ୍ଗୀତ ଶିକ୍ଷା ପ୍ରଦାନ କରାଯାଉଛି। ଏହି ଅନୁଷ୍ଠାନ ଗଠନ ପୂର୍ବରୁ କେନ୍ଦୁଝର ସହରରେ ଏପରି ଏକ ସଙ୍ଗୀତ ଶିକ୍ଷାନୁଷ୍ଠାନ ଗଠନ କରିବା ପାଇଁ ସ୍ୱର୍ଗତ ବେହେରା ପ୍ରେରଣା ଯୋଗାଇବା ସହ ନିୟମିତ ଭଜନ ଓ ଅନ୍ୟାନ୍ୟ ସଙ୍ଗୀତ ପରିବେଷଣ କରି କୁନି ଶିଳ୍ପୀମାନଙ୍କୁ ଉତ୍ସାହିତ କରୁଥିଲେ। ସେ ବନ ବିଭାଗର ରେଞ୍ଜ ଅଫିସର ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ।

# ପର୍ଯ୍ୟଟନସ୍ଥଳୀର ବିକାଶ ନାହିଁ

କେନ୍ଦୁଝର, ୭।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲାରେ ଅନେକ ପର୍ଯ୍ୟଟନ ସ୍ଥଳୀ ରହିଥିବାବେଳେ ପ୍ରଶାସନ ପକ୍ଷରୁ ସବୁବେଳେ ଅଣଦେଖା କରାଯାଉଛି। ଜିଲାର ପ୍ରାକୃତିକ ଦୃଶ୍ୟରାଜି ଦେଖିବାକୁ ଜିଲାକୁ ପ୍ରତ୍ୟେକ ବର୍ଷ ପର୍ଯ୍ୟଟକଙ୍କ ସୁଅ ଛୁଟୁଥିବା ବେଳେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ନିମନ୍ତେ ସରକାର ଆଗ୍ରହ ପ୍ରକାଶ କରୁ ନ ଥିବାରୁ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ କରାଯାଉଛି। ଯଦି ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରର ବିକାଶ କରାଯାଆନ୍ତା। ରାଜ୍ୟ ତଥା ଦେଶରେ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଭାବେ କେନ୍ଦୁଝର ସ୍ଥାନ ପାଆନ୍ତା ବୋଲି ମତ ପ୍ରକାଶ ପାଇଛି।

ଜିଲାରେ ଅଧିକାଂଶ ପର୍ଯ୍ୟଟନସ୍ଥଳୀ ପ୍ରକୃତି ଜଳପ୍ରପାତକୁ ନେଇ ଅବସ୍ଥିତ। ଏହା ବ୍ୟତୀତ କିଛି ଡ୍ୟାମ୍ ମଧ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବାବେଳେ ଘଟଗାଁ ମା'ତାରିଣୀଙ୍କ ମନ୍ଦିର ପର୍ଯ୍ୟଟକଙ୍କୁ ବହୁତ ଆକୃଷ୍ଟ କରିଥାଏ। ଜିଲାରେ ଅନେକ ଜଳପ୍ରପାତ ସହ ପର୍ଯ୍ୟଟନ ସ୍ଥଳୀ ରହିଥିବା ବେଳେ ପର୍ଯ୍ୟଟନ ବିଭାଗ ପକ୍ଷରୁ ମାତ୍ର ୧୬ଟିକୁ ପର୍ଯ୍ୟଟନ ସ୍ଥଳୀ ଭାବେ ଚିହ୍ନଟ କରାଯାଇଛି। ସେଗୁଡିକ ମଧ୍ୟରୁ ଘଟଗାଁ ବ୍ଲକର ମା'ତାରିଣୀଙ୍କ ପୀଠ, ସୀତାବିଞ୍ଜି, ପୁରୁଣା ସହରରେ ଥିବା ବଳଦେବଜୀଉ ମନ୍ଦିର, ବାଂଶପାଳ ବ୍ଲକରେ ଥିବା ସାନଘାଗରା ଜଳପ୍ରପାତ, ଗୋନାସିକା, ବଡଘାଗରା, ଖଣ୍ଡାଧାର, ଯୋଡା ବ୍ଲକରେ ଥିବା ହାଣ୍ଡିଭଙ୍ଗା ଜଳପ୍ରପାତ, ଚମ୍ପୁଆ ବ୍ଲକର କେଶରୀକୁଣ୍ଡ, ମୁର୍ଗାମହାଦେବ, ହଦଗଡ ଡ୍ୟାମ୍, ଘଷିପୁରା ବ୍ଲକ କୁଶଳେଶ୍ୱର ପ୍ରଭୃତି ରହିଛି। ତେବେ ପ୍ରଶାସନ ପକ୍ଷରୁ ଚିହ୍ନଟ ହୋଇଥିବା ଏହି ପର୍ଯ୍ୟଟନ ସ୍ଥଳୀ ଗୁଡିକରେ ପର୍ଯ୍ୟଟକଙ୍କ ନିମନ୍ତେ କୌଣସି ସୁବିଧା ନାହିଁ। ପାଟଣା ବ୍ଲକର ଭୀମକୁଣ୍ଡରେ ଦୀର୍ଘ ୬ ବର୍ଷ ପୂର୍ବରୁ ଏକ ରୋପ୍‌ୱେ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ଏହା ଉପରେ କୌଣସି ନିଷ୍ପତ୍ତି ହୋଇନାହିଁ। ଏହା ବ୍ୟତୀତ ଖଣ୍ଡାଧାର ଜଳପ୍ରପାତରେ ଆଲୋକୀକରଣ ବ୍ୟବସ୍ଥା ନାହିଁ। ଯଦ୍ୱାରା କି ସନ୍ଧ୍ୟା ପର୍ଯ୍ୟନ୍ତ ପର୍ଯ୍ୟଟକ ରହିଲେ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଶୌଚାଳୟ ବ୍ୟବସ୍ଥା ନାହିଁ। ମା'ତାରିଣୀଙ୍କ ପୀଠରେ ଲାଇଟ୍ ଆଣ୍ଡ ସାଉଣ୍ଡ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀରେ ଶୌଚାଳୟ କରିବାକୁ ଜିଲା ପର୍ଯ୍ୟଟନ ବିଭାଗ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଅନ୍ୟଦିଗରେ ଘଟଗାଁ ବ୍ଲକର ବାରହାଟିପୁରା ମନ୍ଦିର, ବାଂଶପାଳ ବ୍ଲକର କାଇଁଝର ଜଳପ୍ରପାତ, ଆନନ୍ଦପୁର ବ୍ଲକର ଦରଗଡିଶୀଳା, ଝୁମ୍ପୁରା ବ୍ଲକର କାଇଜାଡା ଜଳପ୍ରପାତ, ତେଲକୋଇ ବ୍ଲକର ଟେଣ୍ଟେଇନାଳୀ ଜଳପ୍ରପାତ, ଯୋଡା ବ୍ଲକର ଖିଚିରିଆ ଜଳପ୍ରପାତକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବପାଇଁ ବିଭିନ୍ନ ସମୟରେ ସ୍ଥାନୀୟ ବିଧାୟକ, ସେ ଅଞ୍ଚଳର ବାସିନ୍ଦା ତଥା କମିଟି ମାନଙ୍କ ତରଫରୁ ପର୍ଯ୍ୟଟନ ବିଭାଗକୁ ଅନେକ ଥର ଅନୁରୋଧ କରିଥିଲେ ବି ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ସବୁଠୁ ବଡକଥା ଜିଲାର ପର୍ଯ୍ୟଟନ କାର୍ଯ୍ୟାଳୟ ନିର୍ମାଣ ପାଇଁ ୨୦୧୪-୧୫ ମସିହାରେ ୯୯.୮୩ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିଲେ ବି ଆଜି ପର୍ଯ୍ୟନ୍ତ ତାହା ନିର୍ମାଣ ହୋଇନାହିଁ। ଏସମ୍ପର୍କରେ ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ନାଏକ କହିଛନ୍ତି ୧୬ଟି ମାନ୍ୟତା ପାଇଥିବା ପର୍ଯ୍ୟଟନସ୍ଥଳୀରେ ସବୁ ସୁବିଧା ପ୍ରତି ପଦକ୍ଷେପ ନିଆଯିବା ସହ ପର୍ଯ୍ୟଟନ କାର୍ଯ୍ୟାଳୟ ନିର୍ମାଣ କାମ ତୁରନ୍ତ ଆରମ୍ଭ କରାଯିବ।



ଭୀମକୁଣ୍ଡ ଜଳପ୍ରପାତ

# ତଦନ୍ତ କଲେ ସିଡିଏମ୍‌ଓ

### ଖୋଲା ଆକାଶ ତଳେ ମହିଳାଙ୍କ ପ୍ରସବ ଘଟଣା

### ଆଉ ୨ ଜଣଙ୍କ ଉପରେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ

କାମାକ୍ଷାନଗର, ୭।୫(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବୀରାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କ୍ୟାମ୍ପସରେ ଜଣେ ମହିଳା ଖୋଲା ଆକାଶ ତଳେ ପ୍ରସବ କରିବା ଘଟଣା ସାରା ରାଜ୍ୟରେ ଚହଳ ପକାଇଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ଅଶୋକ କୁମାର ଦାସ ଶନିବାର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଘଟଣା ଦିନ କ'ଣ ଘଟିଥିଲା, କେଉଁ ପରିସ୍ଥିତିରେ ଜଣେ ଗର୍ଭବତୀ ବିପଜ୍ଜନକ ଭାବେ ପ୍ରସବ କଲେ, ସେହି ଦିନ ସନ୍ଧ୍ୟାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ କାହିଁକି ତାଲା ପଡ଼ିଥିଲା, କିଏ ଦାୟିତ୍ୱରେ ଥିଲେ, ଏକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ଘଟଣା କାହିଁକି ଘଟିଲା ଏଭଳି ଏକାଧିକ ପ୍ରଶ୍ନର ଉତ୍ତର ଖୋଜିବାକୁ ସେ ଚେଷ୍ଟା କରିଛନ୍ତି। ଅନ୍ୟପଟେ ଏହି ଘଟଣାରେ ମେଡିକାଲ ସୁରକ୍ଷା ଦାୟିତ୍ୱରେ ଥିବା ଜଣେ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଥିବାବେଳେ ଅନ୍ୟ ୨ ଜଣ ଅଧସ୍ତନ କର୍ମଚାରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡିଏମ୍‌ଓ ସୂଚନା ଦେଇଛନ୍ତି।

ଅପରପକ୍ଷେ ଏଭଳି ଦାୟିତ୍ୱହୀନତା ପାଇଁ ଅଧସ୍ତନ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦାୟିତ୍ୱରେ ଥିବା ଡାକ୍ତର ଏବଂ ଅନ୍ୟ ପଦସ୍ଥ କର୍ମଚାରୀଙ୍କୁ କାହିଁକି ତଦନ୍ତ ପରିସରକୁ ଅଣାଯାଇନାହିଁ, ଯଦି ଅଣାଯାଇଛି ତେବେ ସେମାନଙ୍କୁ କେଉଁ ପ୍ରକାର କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିବ ସେ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ଆଦିବାସୀ ବହୁଳ ଅଞ୍ଚଳର ଦୈନିକ ଶତାଧିକ ରୋଗୀଙ୍କ ସ୍ୱାସ୍ଥ୍ୟସେବାର ପ୍ରାଣକେନ୍ଦ୍ର ପାଲଟିଥିବା ବୀରାଶାଳ ଡାକ୍ତରଖାନାରେ ଡାକ୍ତର ଏବଂ କର୍ମଚାରୀ ଅଭାବ ସମସ୍ୟା ଲାଗିରହିଛି। ତେଣୁ ପ୍ରାଥମିକତା ଭିତ୍ତିରେ ପଦବୀ ପୂରଣ ଦିଗରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

ସୂଚନାଯୋଗ୍ୟ, କଙ୍କଡ଼ାହାଡ଼ ବ୍ଲକ ରହଣି ଗ୍ରାମର ସନ୍ତୋଷ ନାୟକଙ୍କ ସ୍ତ୍ରୀ ଦେବକୀଙ୍କ ପ୍ରସବ ଯନ୍ତ୍ରଣା ଆରମ୍ଭ ହେବାରୁ ଗତ ଗୁରୁବାର ସନ୍ଧ୍ୟା ୭ଟାରେ ପରିବାର ଲୋକେ ତାଙ୍କୁ ବୀରାଶାଳ ଡାକ୍ତରଖାନାକୁ ନେଇ ଆସିଥିଲେ। ତେବେ ସେହି ସମୟରେ ଡାକ୍ତରଖାନାରେ ତାଲା ପଡ଼ିବା ସହିତ କେହି କର୍ମଚାରୀ ନ ଥିଲେ। ଫଳରେ ଦୀର୍ଘ ସମୟ ଛଟପଟ ହେବା ପରେ ଡାକ୍ତରଖାନା କ୍ୟାମ୍ପସ୍‌ର ଖୋଲା ଆକାଶ ତଳେ ଦେବକୀ ଏକ ଶିଶୁପୁତ୍ର ଜନ୍ମ କରିବା ସହ ନବଜାତକର ନାହି ବ୍ଲେଡ୍‌ରେ କାଟିଥିଲେ। ଏହି ଘଟଣା ସାରା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଥିଲା।

# କଳାବଜାର ରୋକିବାକୁ ଗୋଦାମରେ ଚଢ଼ାଉ

ବାଲେଶ୍ୱର ଅଫିସ, ୭।୫

ବାଲେଶ୍ୱର ଜିଲାରେ ବାତ୍ୟା ଆଶଙ୍କାକୁ ନେଇ ଖାଦ୍ୟ ସାମଗ୍ରୀରେ କଳାବଜାରି ଆରମ୍ଭ ହୋଇଛି। ଶନିବାର ଜିଲା ଯୋଗାଣ ବିଭାଗ ପକ୍ଷରୁ ସହରର ନୂଆବଜାର, ଫାଣ୍ଡି ଛକ, ମୋତିଗଞ୍ଜ ସମେତ ବହୁ ଆଳୁ ଗୋଦାମ ଉପରେ ଚଢ଼ାଉ କରାଯାଇଛି। ସହର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଥିବା ବେଳେ ଦରଦାମ୍ ନିୟନ୍ତ୍ରଣ ନେଇ ବ୍ୟବସାୟୀମାନଙ୍କୁ ତାଗିଦ୍ କରାଯାଇଛି। ତେବେ ସମ୍ଭାବ୍ୟ ବାତ୍ୟା ସ୍ଥିତିକୁ ନେଇ କେତେଜଣ ଅସାଧୁ ବ୍ୟବସାୟୀ ଅଧିକ ପରିମାଣର ସାମଗ୍ରୀ ଠୁଳ କରିବା ଓ ଦର ବୃଦ୍ଧି କରିବା ଆଶଙ୍କା କରି ବିଭାଗ ପକ୍ଷରୁ ଏହି ଚଢ଼ାଉ କରାଯାଇଥିଲା। ଶୁକ୍ରବାର ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବାଲେଶ୍ୱର ଗସ୍ତରେ ଆସି କଳାବଜାରୀ ରୋକିବା ପାଇଁ ଜିଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶନିବାର ବିଭିନ୍ନ ଆଳୁ ଗୋଦାମରେ ଚଢ଼ାଉ କରାଯାଇ ଆଳୁ ପିଆଜର ଠିକ୍ ଦରଦାମ ବୋର୍ଡ଼ରେ ଉଲ୍ଲେଖ କରିବା ସହ ଗୋଦାମ ମାଲିକମାନେ ଖୁଚୁରା ଦୋକାନୀଙ୍କୁ ବିଲ୍ ଦେବା ପାଇଁ ଜିଲା ଯୋଗାଣ ବିଭାଗ ଅଧିକାରୀମାନେ ତାଗିଦ୍ କରିଥିଲେ ।



ନୂଆବଜାରରେ ଥିବା ଆଳୁ ଗୋଦାମରେ ଚଢ଼ାଉ କରାଯାଉଛି।

## ଟ୍ରାଫିକ ଅବ୍ୟବସ୍ଥା ନେଇ ଏସ୍‌ପିଙ୍କ ଦ୍ୱାରସ୍ଥ ଯୁବ କଂଗ୍ରେସ

ଭଦ୍ରକ ଅଫିସ, ୭।୫

ଭଦ୍ରକ ସହରାଞ୍ଚଳରେ ଟ୍ରାଫିକ ଅବ୍ୟବସ୍ଥା ନେଇ ଜିଲା ଯୁବ କଂଗ୍ରେସ ଶନିବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛି। ବନ୍ତ ଛକ ବସ୍‌ଷ୍ଟାଣ୍ଡରେ ଥିବା ଟ୍ରାଫିକ୍ ଆଉଟପୋଷ୍ଟକୁ ସଚଳ କରିବା, ଚାନ୍ଦବାଲି-ବାଇପାସ୍ ଛକଠାରେ ଟ୍ରାଫିକ ପୋଷ୍ଟ ନିର୍ମାଣ, ଟ୍ରାଫିକ ଛକଗୁଡ଼ିକରେ ଗାଡ଼ି ରହଣି ପାଇଁ ହ୍ୱାଇଟ୍ ମାର୍କ କରାଯିବା ପାଇଁ ଯୁବ କଂଗ୍ରେସ ପକ୍ଷରୁ ଦାବି ହୋଇଛି। କାର୍ଯ୍ୟକାରୀ ସଭାପତି ହେମନ୍ତ ମହାପାତ୍ରଙ୍କ ନେତୃତ୍ୱରେ ୫ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଏସ୍‌ପି ଚରଣ ସିଂ ମୀନାଙ୍କୁ ପ୍ରଦାନ କରାଯାଇଛି।

## ଦୁର୍ଘଟଣାରେ ଗୁରୁତର ବାଇକ୍ ଚାଳକଙ୍କ ମୃତ୍ୟୁ

ଠାକୁରମୁଣ୍ଡା, ୭।୫ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଡକେଇପାଳ ଗ୍ରାମ ନିକଟରେ ଶୁକ୍ରବାର ସକାଳେ ଦୁର୍ଘଟଣାରେ ଗୁରୁତର ହୋଇଥିବା ବାଇକ୍ ଚାଳକଙ୍କ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ଡକେଇପାଳ ଗ୍ରାମର ଭାଗବତ ନାଏକ। ଭାଗବତ ବାଇକ୍‌ରେ ଠାକୁରମୁଣ୍ଡା ବଜାରକୁ ଆସୁଥିବା ସମୟରେ ଦୁର୍ଘଟଣା ଘଟିଥିଲା। ସେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଔଷଧ ନେଇ ଘରକୁ ଫେରିଯାଇଥିଲେ। ଶନିବାର ପୁଣି ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଏହି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ କରଞ୍ଜିଆକୁ ସ୍ଥାନାନ୍ତର ସମୟରେ ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା।

# ବିଡିଓଙ୍କୁ ଭେଟିଲା ଭାଜପା ପ୍ରତିନିଧି ଦଳ

ଭଣ୍ଡାରିପୋଖରୀ, ୭।୫

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକରେ ପଞ୍ଚାୟତ ନିର୍ବାଚନ ପରେ ଯେଉଁଠି ଭାଜପା ସମର୍ଥିତ ପ୍ରାର୍ଥୀ ବିଜୟଲାଭ କରିଛନ୍ତି ସେଠାରେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପ୍ରଶାସନ ସହଯୋଗ କରୁନାହିଁ। ଶନିବାର ଭାଜପାର ଏକ ପ୍ରତିନିଧି ଦଳ ବ୍ଲକ କାର୍ଯ୍ୟାଳୟରେ ବିଡିଓ ଦେବଦତ୍ତ ଦାସଙ୍କୁ ଭେଟି ଏଭଳି ଅଭିଯୋଗ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛି। ଏହି ପ୍ରତିନିଧି ଦଳରେ ଥିବା ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ନେତା ବଦ୍ରି ନାରାୟଣ ଧଳଙ୍କ ନେତୃତ୍ୱରେ ସରପଞ୍ଚ ଜଗବନ୍ଧୁ ଦାସ, ରଞ୍ଜନ ପରିଡ଼ା, ସୁପ୍ରିୟା ସେଠି, ଅମୂଲ୍ୟ ସେଠି, ସତ୍ୟଜିତ ରାଉତ, ତରଣୀସେନ ଜେନା ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଭାଜପାର ସରପଞ୍ଚ ଓ ସମିତିସଭ୍ୟମାନଙ୍କୁ ବ୍ଲକ ପ୍ରଶାସନ ସହଯୋଗ କରୁନାହିଁ। ଏମ୍‌ଏନ୍‌ଆର୍‌ଇଜିଏସ୍ କାର୍ଯ୍ୟଠାରୁ ଆରମ୍ଭ କରି ରାସ୍ତାଘାଟ, ପାନୀୟଜଳ ଆଦି ବାବଦରେ ସରପଞ୍ଚମାନେ ଆଗଭର ହେଉଥିବା ବେଳେ ତାଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। କାମ ପାଇଁ ସରପଞ୍ଚଙ୍କୁ କୋଡ୍ ନ ମିଳିବା ଓ କୌଣସି ଫାଇଲ ତିଆରି ନ ହେବା ପ୍ରଶାସନ ଏକପାଖିଆ ନିଷ୍ପତ୍ତି ନେଉଥିବା ପ୍ରମାଣିତ କରୁଛି। ବିଡିଓ ଏ ଦିଗରେ ଦୃଷ୍ଟି ନ ଦେଲେ ଆସନ୍ତା ମଙ୍ଗଳବାରଠାରୁ ବ୍ଲକ ଅଫିସ ସମ୍ମୁଖରେ ଧାରଣା ଦିଆଯିବ ବୋଲି ପ୍ରକାଶ କରିଛନ୍ତି।



ଭାଜପା ପ୍ରତିନିଧି ଦଳ ବିଡିଓ ଦେବଦତ୍ତ ଦାସଙ୍କ ସହ ଆଲୋଚନା କରୁଛନ୍ତି।

## ଚିତ୍ରଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ୬ ଶଯ୍ୟା ବିଶିଷ୍ଟ ସ୍ୱାସ୍ଥ୍ୟସେବା



ମୋରଡା,୭।୫ (ଡି.ଏନ.ଏ.)

ଚିତ୍ରଡ଼ାରେ ଥିବା ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଛଅ ଶଯ୍ୟା ବିଶିଷ୍ଟ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ଉଦ୍‌ଘାଟିତ ହୋଇଯାଇଛି । ଆଦିବାସୀ ସଶକ୍ତିକରଣ ଓ ଜଳ ଶକ୍ତି ବିଭାଗର କେନ୍ଦ୍ରମନ୍ତ୍ରୀ ଇଂ ବିଶେଶ୍ୱର ଟୁଡୁ ଫିତା କାଟି ଏହାକୁ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀଙ୍କୁ ତାଙ୍କ ଦଳୀୟ କର୍ମୀ ଏକ ଆଦିବାସୀଙ୍କ ପାରମ୍ପରିକ ନୃତ୍ୟ ଶୋଭାଯାତ୍ରାରେ ବ୍ଲକ ଛକରୁ ବାହାରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ତାଙ୍କ ସହିତ ମୋରଡା ନିର୍ବାଚନମଣ୍ଡଳୀର ପୂର୍ବତନ ଭାଜପା ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ମହାପାତ୍ର, ମନ୍ତ୍ରୀଙ୍କ ପ୍ରତିନିଧି ନରେନ୍ଦ୍ର ନାୟକ, ବଳରାମ ବେହେରା ପ୍ରମୁଖ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ବିଭାଗର ବାରମାଇଲ ଭାରପ୍ରାପ୍ତ ଅଧିକାରୀ ଡାକ୍ତର ହାମ୍ବିରା ମୁର୍ମୁ, ଡାକ୍ତର ଚନ୍ଦ୍ରଶେଖର ବେହେରା, ବିପିଏମ ବିଚିତ୍ରାନନ୍ଦ ଦାସ, ଡାକ୍ତର କବିତା ପଣ୍ଡା ଏବଂ ଅନ୍ୟାନ୍ୟ ପଦସ୍ଥ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଆମ୍ବହତା କେନାଲ ପାର୍ଶ୍ୱ ରାସ୍ତା ନିର୍ମାଣକୁ ବିରୋଧ

ଖଇରା, ୭।୫(ଡି.ଏନ.ଏ.)

ସାଳନ୍ଦୀ ବାମପାର୍ଶ୍ୱ ଆମ୍ବହତା କେନାଲ ନୟାଖଣ୍ଡି ପତଡାସାହି ନିକଟରେ ନିମ୍ନମାନର ମୋରମ ପ୍ୟାକିଂ ଓ କଂକ୍ରିଟ କାମ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଗ୍ରାମର ୱାର୍ଡସଭ୍ୟ ନିରଞ୍ଜନ ବେହେରା, ଶ୍ରୀଧର ବାରିକ, ରମାକାନ୍ତ ବେହେରା, ଯଦୁନାଥ ତ୍ରିପାଠୀ, ଉପେନ୍ଦ୍ର କର, ରମେଶ ବେହେରା, ଜଗନ୍ନାଥ ବେହେରା, ହରେକୃଷ୍ଣ ବେହେରା, ମନୋରଞ୍ଜନ କର, ଅନାଦି ବେହେରା ପ୍ରମୁଖ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ ସାଳନ୍ଦୀ ବାମପାର୍ଶ୍ୱ ଆମ୍ବହତା କେନାଲର ୧୬କି.ମି. ଠାରୁ ୧୮କି.ମି. ପର୍ଯ୍ୟନ୍ତ ରାସ୍ତା କାମ ଚାଲୁଛି । କେନାଲର ୨ପାର୍ଶ୍ୱର କଂକ୍ରିଟ ଢଳେଇ କାମ କରାଯିବା ସହ ସାଧାରଣଙ୍କ ବ୍ୟବହାର ପାଇଁ ପାହାଚ ନିର୍ମାଣ କରାଯାଇଛି । ହେଲେ ମୋରମ ପ୍ୟାକିଂ ଓ କଂକ୍ରିଟ ଢଳେଇ କାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ଗ୍ରାମବାସୀ କହିଛନ୍ତି । କାମ ଶେଷ ହେବାର ଅଳ୍ପଦିନ ମଧ୍ୟରେ ଢଳେଇ ଭାଙ୍ଗି ଖସି ପଡୁଥିବା ନେଇ ଉକ୍ତ ଗ୍ରାମବାସୀ କହିବା ସହ ଏହି କାର୍ଯ୍ୟକୁ ଦେଖାଇଛନ୍ତି । ଉକ୍ତ କାର୍ଯ୍ୟ ଆନନ୍ଦପୁର ଡିଭିଜନ ଅଧୀନରେ ଆସୁଥିବା ବେଳେ ଯନ୍ତ୍ରୀ କିମ୍ବା ଅଧିକାରୀ ଉପସ୍ଥିତ ନ ରହିବା ଏଭଳି ଅନିୟମିତତା ପାଇଁ ଦାୟୀ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ବିଜୟ କୁମାର ସେଠୀଙ୍କୁ ଯୋଗାଯୋଗ କରିବାରେ ଗ୍ରାମବାସୀଙ୍କର ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି।



ଗ୍ରାମବାସୀ ନିମ୍ନମାନର କଂକ୍ରିଟ କାର୍ଯ୍ୟ ଦେଖାଉଛନ୍ତି ।


# ବାରିପଦା ପୌର ପରିଷଦ

ବାରିପଦା, ମୟୂରଭଞ୍ଜ-୭୫୭୦୦୧

## ନିଲାମ ଇସ୍ତାହାର

ପତ୍ର ସଂଖ୍ୟା: 2840 ତା: 7.5.2022

No.C-229:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବାରିପଦା ପୌରପରିଷଦର ନିଷ୍ପତ୍ତିମତେ ୭ ଗୋଟି ସୈରାତର ଜଉମୁଦଦିଆ ନିବିଦା (Sealed Quotation) ଆହ୍ୱାନ କରାଯାଉଅଛି । ପୌର ପରିଷଦର ନିମ୍ନଲିଖିତ ସର୍ତ୍ତ ଅନୁଯାୟୀ ଇଚ୍ଛୁକ ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନମାନେ ନିବିଦା କାଗଜ କିଣି ତା୨୩।୫।୨୦୨୨ରିଖ ଦିବା ୧୧ ଘଟିକା ସୁଦ୍ଧା ସେଥିରେ ଆବେଦନ କରିଥିବା ସୈରାତର ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ନିବିଦା ଦାଖଲ କରିପାରିବେ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ନିବିଦା ଗ୍ରହଣୀୟ ହେବନାହିଁ । ଯେଉଁମାନଙ୍କର ସର୍ବୋଚ୍ଚ ଦର ଯଦି ସନ୍ତୋଷଜନକ ନ ହୁଏ, ତାହା ହେଲେ ପୁଣି ସାନି ନିବିଦା ଆହ୍ୱାନ କରାଯିବ । ସର୍ବୋଚ୍ଚ ଦରକୁ ଗ୍ରହଣ କରିବାକୁ ପୌର ପରିଷଦ କର୍ତ୍ତୃପକ୍ଷ ବାଧ୍ୟ ନୁହନ୍ତି । ଦରକାର ହେଲେ ସମସ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ । ଦାଖଲ ହୋଇଥିବା ନିବିଦାଗୁଡ଼ିକ ସେହିଦିନ ଅର୍ଥାତ୍ ତା୨୩।୫।୨୦୨୨ରିଖ ଦିବା ୧୨ ଘ. ସମୟରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନିବିଦାଦାତା ବା ସେମାନଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ପ୍ରତିନିଧି ଓ ଟେଣ୍ଡର କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ଖୋଲାଯିବ । ବିଶେଷ ବିବରଣୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି କାର୍ଯ୍ୟାଳୟ ୱେବ୍‌ସାଇଟ୍ www.baripadamunicipality.inରେ ଓ କାର୍ଯ୍ୟାଳୟ ଖୋଲାଥିବା ଦିବସମାନଙ୍କରେ କାର୍ଯ୍ୟାଳୟରେ ବୁଝିପାରିବେ ।

| Sl. No. | Sairat Name | Lease period | Lease period for public auction | Up-set price to be fixed for upcoming year 2022-23 onward | SD amount @10% of the upset price | Cost of auction paper |
|---|---|---|---|---|---|---|
| 1 | Market Cycle Stand | May 2022-23 | One Year | Rs.19,898.00 | Rs.1,990.00 | Rs.200.00 |
| 2 | K.M.B.M. Cycle Stand | May 2022-23 | One Year | Rs.21,999.00 | Rs.2,200.00 | Rs.200.00 |
| 3 | Carts & Carriage with dog license | May 2022-23 | One Year | Rs.71,077.00 | Rs.7,108.00 | Rs.200.00 |
| 4 | Biju Pattnaik Children Park Canteen | May 2022-23 | One Year | Rs.82,999.00 | Rs.8,300.00 | Rs.200.00 |
| 5 | Baripada Market & other places except Ward No 13 & 20 (p) | May 2022-23 | One Year | Rs.29,14,216.00 | Rs.2,91,422.00 | Rs.1000.00 |
| 6 | Station Bazar Daily Market ward No.13 & 20 (p) | May 2022-23 | One Year | Rs.8,64,600.00 | Rs.86,460.00 | Rs.500.00 |
| 7 | Day Night Kacheri Market & Market & another Vehicle Stand | May 2022-23 | One Year | Rs.1,13,126.00 | Rs.11,313.00 | Rs.500.00 |

ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ନିବିଦା ଚୂଡ଼ାନ୍ତ କରାଯିବ ।

1. ପୂର୍ବ ବର୍ଷର ନିଲାମ ଟଙ୍କା ବକେୟା ରଖିଥିବା ବ୍ୟକ୍ତିବିଶେଷ ବା ଅନୁଷ୍ଠାନମାନେ ନିଲାମରେ ଭାଗ ନେଇ ପାରିବେ ନାହିଁ ।
2. ନିବିଦା ଦାଖଲ କରିବା ବ୍ୟକ୍ତିବିଶେଷମାନେ ନିବିଦା (Quotation) ସହିତ Solvency Certificate ବା ନିବିଦା ମୂଲ୍ୟର ବ୍ୟାଙ୍କ Guarantee in favour of "Executive Officer, Payable at Baripada" ଦାଖଲ କରିବେ, ନଚେତ ଦାଖଲ କରିଥିବା ନିବିଦା ଗ୍ରହଣୀୟ ହେବ ନାହିଁ ।
3. ନିବିଦା ସହିତ ଆବଶ୍ୟକ S.D. Money (ଅମାନତ ଟଙ୍କା) "Banker Check or DD in favour of the Executive Officer, Baripada Municipality, Baripada payable at Baripada କରିଆରେ ଦାଖଲ କରିପାରିବେ ।
4. ନିବିଦାଦାତା ପୌରାଞ୍ଚଳ ଅଧିବାସୀ ହୋଇଥିବେ ଏବଂ ତାହାର ପ୍ରମାଣ ସ୍ୱରୂପ ଆବେଦନ ସମୟରେ ଆଧାର କାର୍ଡ/ଭୋଟର ଆଇ.ଡି କାର୍ଡ଼ ସହିତ ଗୃହ ଟିକସ ରସିଦର ନକଲ/ଦୋକାନ ଭଡ଼ା (ଯଦି ଦୋକାନ ଥାଏ) ଓ ଅନ୍ୟାନ୍ୟ ଟ୍ୟାକ୍ସ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ପୈଠ ସମ୍ବନ୍ଧୀୟ ରସିଦର ନକଲ କପି ନିବିଦା ସହିତ ଦାଖଲ କରିବେ। ନଚେତ ତାହା ଗ୍ରହଣୀୟ ହେବନାହିଁ ।
5. ଯାହାଙ୍କ ନାମରେ ନିଲାମ ସିଦ୍ଧ ହେବ ସେ କାର୍ଯ୍ୟାଳୟରେ ସୂଚନା ପ୍ରାପ୍ତିର ୩ (ତିନି) ଦିନ ମଧ୍ୟରେ ଏକକାଳୀନ ସମସ୍ତ ଧାର୍ଯ୍ୟ ଦେୟ ମ୍ୟୁନିସିପାଲିଟି ଅଫିସରେ ପୈଠ କରିବେ। ନଚେତ ତାଙ୍କର ଜମାଥିବା ଅମାନ ଟଙ୍କା ବାଜ୍ୟାପ୍ତ କରାଯିବ ଏବଂ ସମ୍ପୃକ୍ତ ନିଲାମର ଦ୍ୱିତୀୟ ସର୍ବୋଚ୍ଚ ଦର ଉପସ୍ଥାପନ କରିଥିବା ଅନ୍ୟ ବ୍ୟକ୍ତି ବା ଅନୁଷ୍ଠାନଙ୍କୁ ନିଲାମରେ ଦିଆଯିବ ।
6. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧ ହେବ ସେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହିତ ଆବଶ୍ୟକୀୟ ଚୁକ୍ତିପତ୍ର ନିଲାମ ଚୂଡ଼ାନ୍ତ ହେବାର ୩ (ତିନି) ଦିନ ମଧ୍ୟରେ କରିବେ ।
7. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧ ହେବ, ତାଙ୍କର ଅମାନତ ଟଙ୍କା ନିଲାମ ଅବଧି ସରିଲା ପରେ ଆବେଦନ କ୍ରମେ ଫେରସ୍ତ ଦିଆଯିବ ଓ ଏହା ସହିତ ଅସିଦ୍ଧ ହୋଇଥିବା ଅନ୍ୟ ନିଲାମଧାରୀଙ୍କର ଅମାନତ ଟଙ୍କା ନିଲାମ ପ୍ରକ୍ରିୟା ସରିଲା ପରେ ଆବେଦନ କ୍ରମେ ଫେରସ୍ତ କରାଯିବ ।
8. ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦେୟର ପରିବର୍ତ୍ତନ ହେଲେ କିମ୍ବା ନିୟମରେ କୌଣସି ପରିବର୍ତ୍ତନ କରାଗଲେ ନିଲାମଧାରୀ ତାହା ପାଳନ କରିବାକୁ ବାଧ୍ୟ ରହିବେ ।
9. ଅମାନତ ଟଙ୍କା ଫେରସ୍ତ ଦେଲାବେଳେ ସେଥିରେ କୌଣସି ସୁଧ ଦିଆଯିବ ନାହିଁ କିମ୍ବା ନିବିଦା କିଣିବା ବାବଦରେ ଜମା କରିଥିବା ଟଙ୍କା ଫେରସ୍ତ ଦିଆଯିବ ନାହିଁ ।
10. ଯେଉଁ ନିଲାମଧାରୀଙ୍କର ସୈରାତ ସିଦ୍ଧ ହୋଇଥିବ ସେହି ବ୍ୟକ୍ତି ଭବିଷ୍ୟତରେ ତାହା କାର୍ଯ୍ୟକାରୀ ନ କରିପାରିଲେ ଏହି ବାବଦରେ ଜମାଥିବା ଅମାନତ ଟଙ୍କା ବାଜ୍ୟାପ୍ତ କରିବା ସହିତ ନିଲାମ ଟଙ୍କା ଫେରସ୍ତ ଦିଆଯିବ ନାହିଁ । ଏଣୁ ଏହି ପରିପ୍ରେକ୍ଷୀରେ ନିଲାମଧାରୀ ଉକ୍ତ ଟଙ୍କାକୁ ଦାବି କରିପାରିବେ ନାହିଁ ଏବଂ କୌଣସି ଆଇନ ଅଦାଲତରେ ଆଶ୍ରୟ ନେଇପାରିବେ ନାହିଁ ।

ସ୍ୱା./- ନିର୍ବାହୀ ଅଧିକାରୀ, ବାରିପଦା ପୌରପାଳିକା

OIPR-13078/11/0007/2223

## ସଂକ୍ଷେପରେ

### ବାରବାଙ୍କ ଘାଟି ରାସ୍ତାରେ ଓଲଟିଲା ଅଟୋରିକ୍ସା
# ଗାଡ଼ି ତଳେ ଗଲା ଯୁବକଙ୍କ ଜୀବନ, ୪ ଗୁରୁତର

**ଢେଙ୍କାନାଳ ଅଫିସ୍, ୭।୫:** ଢେଙ୍କାନାଳ ଜିଲା କପିଳାସ ଶୈବପୀଠକୁ ଯାଉଥିବା ବାରବାଙ୍କ ଘାଟିରାସ୍ତାରେ ଶୁକ୍ରବାର ରାତି ପ୍ରାୟ ୧୨ଟାରେ ଭାରସାମ୍ୟ ହରାଇ ଏକ ଅଟୋରିକ୍ସା ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅନୁଗୋଳ ଜିଲା ତଲମୂଳ ଅଞ୍ଚଳର ସୁଜିତ୍ ସିଂ (୩୫)। ଏଥିରେ ଅନ୍ୟ ୪ଜଣ ଗୁରୁତର ହୋଇଛନ୍ତି। ସମସ୍ତେ ଅନୁଗୋଳ ଜିଲାର ବୋଲି ଜଣାପଡ଼ିଛି। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇ ଗଁଦିଆ ଥାନା ପୋଲିସ କର୍ମଚାରୀ ପହଞ୍ଚି ମୃତାହତଙ୍କୁ ଉଦ୍ଧାର କରି ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପୋଲିସ ସୂଚନା ଅନୁଯାୟୀ, ଉକ୍ତ ଅଟୋରିକ୍ସାରେ ସାମଗ୍ରୀ ନେଇ କେତେଜଣ ଯାତ୍ରୀ କପିଳାସ ପୀଠକୁ ଯାଉଥିବାବେଳେ ଘାଟିରାସ୍ତାର ୫ନଂ. ବାଙ୍କରେ ଗାଡ଼ି ବ୍ରେକ୍‌ଫେଲ୍ ହୋଇଯାଇ ଓଲଟି ପଡ଼ିଥିଲା। ଗାଡ଼ି ତଳେ ଚାପି ହୋଇ ସୁଜିତ୍‌ଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ନେଇ ନଂ. ୧୨୮/୨୨ରେ ଏକ ମାମଲା ରୁଜୁ କରାଯାଇଛି।

### ସ୍କ୍ରାପ୍ ବୋଝେଇ ଟ୍ରକ୍ ଜବତ, ୨ ଗିରଫ
# ଚିତ୍ତଳପୁରରୁ ରାୟପୁରକୁ ଚୋରାଚାଲାଣ ହେଉଥିଲା

**ଢେଙ୍କାନାଳ ଅଫିସ, ୭।୫:** ଛତିଶଗଡ଼ ରାଜ୍ୟ ରାୟପୁରକୁ ଚୋରା ଚାଲାଣ ହେଉଥିବାବେଳେ ଏକ ଲୁହା ସ୍କ୍ରାପ୍ ବୋଝେଇ ୧୪ ଚକିଆ ଟ୍ରକ୍‌କୁ ଶୁକ୍ରବାର ରାତିରେ ଢେଙ୍କାନାଳ ଜିଲା ଗଁଦିଆ ଥାନା ପୋଲିସ ଜବତ କରିଛି। ଗଁଦିଆ ବ୍ଲକ ଚିତ୍ତଳପୁରରୁ ରାୟପୁରକୁ ରାତିଅଧରେ ଏହାକୁ ଚାଲାଣ କରାଯାଉଥିଲା। ସୂଚନା ପାଇ ଥାନାଧିକାରୀ ଅମ୍ବିତ ମହାନ୍ତି ପୋଲିସ ଫୋର୍ସ ସହ ଚଢ଼ାଉ କରି ଗାଡ଼ି ଜବତ କରିଥିଲେ। ଏହି ଘଟଣାରେ ୨ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ଚିତ୍ତଳପୁରର ସ୍କ୍ରାପ୍ ଡିଲର ବିଜୟ ପୃଷ୍ଟି ଏବଂ ଟ୍ରକ ଚାଳକ ତଥା ମହାରାଷ୍ଟ୍ରର ବିକ୍ରମ ରାମକୃଷ୍ଣ ବୋରସେ। ଏ ସଂକ୍ରାନ୍ତରେ ଥାନାରେ କେସ୍ ନଂ. ୧୨୭/୨୨ରେ ଏକ ମାମଲା ରୁଜୁ କରାଯାଇଛି।

# ୫୦ ଛାତ୍ରୀଛାତ୍ର ଉପକୃତ

**ଢେଙ୍କାନାଳ ଅଫିସ, ୭।୫:** ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡର କଙ୍କଡ଼ାହାଡ଼ ବ୍ଲକ ରହଣିସ୍ଥିତ ସଂସ୍କାର ପବ୍ଲିକ ସ୍କୁଲରେ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଗରିବ, ଅବହେଳିତ ଓ ସମାଜର ପଛୁଆ ବର୍ଗର ଛାତ୍ରୀଛାତ୍ରଙ୍କୁ ନିଃଶୁଳ୍କ ଶିକ୍ଷାଦାନ ଦିଆଯାଉଛି। ଅଦ୍ୟାବଧି ଏଥିରେ ପ୍ରଥମରୁ ୮ମ ଶ୍ରେଣୀ ଯାଏ ୫୦ଜଣ ଛାତ୍ରୀଛାତ୍ର ଉପକୃତ ହୋଇଛନ୍ତି। ଚଳିତବର୍ଷ ପ୍ରଥମ ଶ୍ରେଣୀରେ ମୋଟ ୪୧ଜଣଙ୍କ ନାମ ଲେଖାଯାଇଥିବାବେଳେ ତନ୍ମଧ୍ୟରୁ ୧୨ଜଣଙ୍କୁ ଏହି ସୁବିଧା ପ୍ରଦାନ କରାଯାଇଛି। ୨୦୧୪ରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଗରିବ ଓ ଅବହେଳିତ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନର ସୁଯୋଗ ଦେଉଥିବା ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଜୁ'ରେ ମିଳିବ ଜଙ୍ଗଲୀ ମହୁ

**ଢେଙ୍କାନାଳ ଅଫିସ, ୭।୫**




ଢେଙ୍କାନାଳ ଜିଲାର ପ୍ରସିଦ୍ଧ କପିଳାସ ପ୍ରାଣୀ ଉଦ୍ୟାନରେ ମିଳିବ ଜଙ୍ଗଲୀ ବାଘୁଆ ମହୁ। ଗ୍ରାହକମାନେ ଗୁଣାତ୍ମକମାନର ଏହି ଜଙ୍ଗଲଜାତ ଦ୍ରବ୍ୟ ସୁବିଧାରେ ଏଠାରୁ କିଣିପାରିବେ। ମହୁ ସଂଗ୍ରହ କରୁଥିବା ମହ୍ଲାର ସମ୍ପ୍ରଦାୟର ଜୀବନଜୀବିକାରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ବନ ବିଭାଗ ପକ୍ଷରୁ ଏଭଳି ଅଭିନବ ପଦକ୍ଷେପ ହାତକୁ ନିଆଯାଇଛି। କପିଳାସ ଏବଂ ଷଡ଼ଙ୍ଗୀ ରେଞ୍ଜ୍‌କୁ ପାଇଲଟ୍ ପ୍ରକଳ୍ପ ଭାବେ ଏଥିରେ ପ୍ରାଥମିକ ପର୍ଯ୍ୟାୟରେ ସାମିଲ କରାଯାଇଛି। ପରବର୍ତ୍ତୀ ସମୟରେ ଏହାକୁ ଅନ୍ୟ ରେଞ୍ଜ୍‌କୁ ସମ୍ପ୍ରସାରଣ କରାଯିବ ବୋଲି ଯୋଜନା ରହିଛି।

- ଢେଙ୍କାନାଳ ବନ ବିଭାଗର ଅଭିନବ ପ୍ରୟାସ
- କପିଳାସ ପ୍ରାଣୀ ଉଦ୍ୟାନରେ ବିକ୍ରି କରାଯିବ ବାଘୁଆ ମହୁ
- ଉପକୃତ ହେବେ ମହ୍ଲାର ସମ୍ପ୍ରଦାୟର ଆଦିବାସୀ



ଗୁଣାତ୍ମକମାନର ବାଘୁଆ ମହୁ ପାଇଁ ପ୍ରସିଦ୍ଧି ଅର୍ଜନ କରିଛି କପିଳାସ ଏବଂ ଷଡ଼ଙ୍ଗୀ ରେଞ୍ଜ୍। ପାହାଡ଼ ଖୋଲ ଏବଂ ବଡ଼ବଡ଼ ଗଛରେ ଏହି ପ୍ରଜାତିର ମହୁମାଛି ବସା ବାନ୍ଧିଥାଆନ୍ତି। ମହ୍ଲାର ସମ୍ପ୍ରଦାୟର ଆଦିବାସୀମାନେ ଉକ୍ତ ଫେଣାରୁ ମହୁ ସଂଗ୍ରହ ସ୍ଥାନୀୟ ବଜାରରେ ବିକ୍ରି କରୁଛନ୍ତି। ତେବେ ବଜାର ସୁବିଧା ନ ଥିବାରୁ ସେମାନଙ୍କ ଉଚିତ ଦାମ୍ ମିଳୁନାହିଁ। ସରଳତାର ସୁଯୋଗ ନେଇ ସ୍ଥାନୀୟ ବ୍ୟବସାୟୀମାନେ ସେମାନଙ୍କଠାରୁ ଶାଗମାଛ ଦରରେ ମହୁ କିଣି ନେଇ ବାହାରକୁ ପଠାଇବା ସହ ସ୍ଥାନୀୟ ଅଞ୍ଚଳରେ ଚଢ଼ା ଦରରେ ବିକ୍ରି କରୁଛନ୍ତି। ଔଷଧୀୟ ଗୁଣଯୁକ୍ତ ଏହି ଜଙ୍ଗଲୀ ମହୁକୁ ମହ୍ଲାରମାନେ କେଜି ପିଛା ୨୦୦ ଟଙ୍କାରେ ବିକ୍ରି କରୁଥିବାବେଳେ ବନ ବିଭାଗ ୪୦୦ ଟଙ୍କାରେ କିଣିବାକୁ ନିଷ୍ପତ୍ତି ନେଇଛି। ବର୍ଷତମାମ କପିଳାସ ପ୍ରାଣୀ ଉଦ୍ୟାନକୁ ପର୍ଯ୍ୟଟକ ଆସୁଥିବାବେଳେ ମହୁ ବିକ୍ରିବଟାରେ ସୁବିଧା ହେବ। ଏଥିସହ ମହ୍ଲାର ଆଦିବାସୀମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ମହୁ ଗୁଣବତ୍ତାରେ କୌଣସି ସାଲିସ୍ କରାଯିବ ନାହିଁ। କେବଳ ବାଘୁଆ ମହୁ ହିଁ ବିକ୍ରି କରାଯିବ। ଏଥିଲାଗି ସମ୍ପୂର୍ଣ୍ଣ ମହୁଫେଣା କିଣାଯିବ। ସୋରିଷିଆପଦା ଅଞ୍ଚଳରୁ ମହୁଫେଣାଯୁକ୍ତ ମହୁ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ମହୁଫେଣା ଲାଗି ନ ଥିଲେ ତାହାକୁ ଗ୍ରହଣ କରାଯିବ ନାହିଁ। ଏଥିଲାଗି ମହ୍ଲାରଙ୍କୁ ଅଧିକ ପ୍ରାପ୍ୟ ପ୍ରଦାନ କରାଯାଉଛି। ଏହାକୁ ୱାଇଲ୍ଡ ହନି ବା ଜଙ୍ଗଲ ମହୁ ବୋଲି ଆମେ କହୁଛୁ। କପିଳାସ ପ୍ରାଣୀ ଉଦ୍ୟାନରେ ମହୁ ବିକ୍ରି ବ୍ୟବସ୍ଥା କରାଯାଇଛି।

# ଶନିମନ୍ଦିରର ବାର୍ଷିକ ଉତ୍ସବ

**କଣିହାଁ, ୭।୫(ଡି.ଏନ୍.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ମନ୍ଦିର ତଳକଲୋନୀ ନିକଟରେ ପ୍ରତିଷ୍ଠିତ ଶନିଦେବଙ୍କ ମନ୍ଦିରର ବାର୍ଷିକ ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପ୍ରଥମ ଦିବସରେ ଶତାଧିକ ମହିଳା ଶ୍ରଦ୍ଧାଳୁ ସ୍ଥାନୀୟ ବ୍ରାହ୍ମଣୀ ନଦୀରୁ ଜଳପୂର୍ଣ୍ଣ କଳସ ଧରି ଶୋଭାଯାତ୍ରାରେ ନଗର ପରିକ୍ରମା କରିବା ପରେ ପୀଠରେ ପହଞ୍ଚିଥିଲେ। ଆବଶ୍ୟକ ନୀତିକାନ୍ତି ପରେ ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ଶନିବାର ଦ୍ୱିତୀୟ ଦିବସରେ ଶନିଦେବଙ୍କ ଯଥାବିଧି ପୂଜାର୍ଚ୍ଚନା ହୋଇଥିଲା। ଏହାପରେ ସର୍ବସାଧାରଣଙ୍କ ଦର୍ଶନ ନୀତି ପରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ମନ୍ଦିରର ପ୍ରତିଷ୍ଠାତା ଗୋପାଳ ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁରୋଧା ଅନନ୍ତ ଚରଣ ମିଶ୍ର ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ। ପୁରୁଷୋତ୍ତମ ମହାରଣା, ତାଙ୍କ ସ୍ତ୍ରୀ ଶଶିରେଖା ମହାରଣା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଯଜ୍ଞ ପୂର୍ଣ୍ଣାହୁତି ପରେ ସାମୂହିକ ପ୍ରସାଦ ସେବନ ହୋଇଥିଲା। ସେହିଭଳି ଜୋରାଡଙ୍ଗା, ବଡହୀରା, ମସୁଣିହତା, ବାଲିପଟା ଗ୍ରାମ ଶନିମନ୍ଦିରରେ ମଧ୍ୟ ଅନୁରୂପ ପୂଜା ଅନୁଷ୍ଠିତ ହୋଇଯାଇଛି।



ଶନିଦେବଙ୍କ ମନ୍ଦିରର ବାର୍ଷିକ ଉତ୍ସବ ଉପଲକ୍ଷେ ଆୟୋଜିତ ଯଜ୍ଞ।

# 'ଉଦ୍ଭିଦ ଜଗତକୁ ବିପଦ ଘନଉଛି'




ରାଜ୍ୟସ୍ତରୀୟ ଆଲୋଚନା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ମତ

**ସାତମାଇଲ, ୭।୫(ଡି.ଏନ୍.ଏ.)**

ଦିନକୁ ଦିନ ଉଦ୍ଭିଦ ଜଗତ ଉପରେ ବିପଦ ଘନେଇବାରେ ଲାଗିଛି। ଏହାର ପ୍ରତିକୂଳ ପ୍ରଭାବ ସ୍ୱରୂପ ବିଶ୍ୱବ୍ୟାପୀ ଅନୁଭୂତ ହେବାରେ ଲାଗିଛି ଜଳବାୟୁ ପରିବର୍ତ୍ତନ ଭଳି ସାଂଘାତିକ ସମସ୍ୟା। ଏହାର ପ୍ରତିକାର ପାଇଁ ସଂରକ୍ଷିତ ଜଙ୍ଗଲର ସୁରକ୍ଷା, ଅବକ୍ଷୟମୁଖୀ ଜଙ୍ଗଲରେ ବ୍ୟାପକ ବନୀକରଣ, ଉପଯୁକ୍ତ ଯତ୍ନ ନେବା ଅପରିହାର୍ଯ୍ୟ। ଢେଙ୍କାନାଳ ଜିଲା ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ ଏଭଳି ମତବ୍ୟକ୍ତ କରିଛନ୍ତି।

ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ବିନୟ ନାରାୟଣ ସାହୁଙ୍କ ପୌରୋହିତ୍ୟରେ କଲେଜ ସମ୍ମିଳନୀ କକ୍ଷରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରାଧ୍ୟାପକ ଅଶୋକ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଦର୍ଶନ ଶାସ୍ତ୍ର ବିଭାଗ ମୁଖ୍ୟ ହୃଦାନନ୍ଦ ବେହେରା ଯୋଗଦେଇ ବୃକ୍ଷର ମହତ୍ତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ଭାବେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ରଘୁନାଥ ରଥ ଯୋଗଦେଇ ପ୍ରୋଜେକ୍ଟର ମାଧ୍ୟମରେ 'ଉଦ୍ଭିଦ ଜଗତ ରକ୍ଷା କବଚ' ଶୀର୍ଷକ ପ୍ରସଙ୍ଗରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ସୁନୀତା ମହାପାତ୍ର, ସୌଭାଗିନୀ ସାହୁ, ଯାଜ୍ଞସେନୀ ଦାସ, ତନ୍ମୟ ପତି ପ୍ରମୁଖ ବିଷୟଭିତ୍ତିକ ସନ୍ଦର୍ଭ ପାଠ କରିଥିଲେ। ଏହାପରେ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଧ୍ୟାପକ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ଜୟନ୍ତ ନାରାୟଣ ପତି, ଡ. ମହେନ୍ଦ୍ର ସ୍ୱାଇଁ, ଯଶୋବନ୍ତ ସାହୁ, କିଶୋର ପୃଷ୍ଟି, ଶିବଶଙ୍କର ଦାସ, ସୁରେଶ ମିଶ୍ର, ଦୀପକ ରଞ୍ଜନ ବିଶ୍ୱାଳ, କର୍ମଚାରୀ ମଙ୍ଗରାଜ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ଶୁଭଲକ୍ଷ୍ମୀ ଦାଶ ପ୍ରାରମ୍ଭିକ ସୂଚନା ଏବଂ ଦିଲୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଜ୍ୟସ୍ତରୀୟ ଫ୍ଲଡ୍‌ଲାଇଟ୍ ଫୁଟ୍‌ବଲ
# ସେମିରେ ୟୁନିଟ୍-୬ ଭୁବନେଶ୍ୱର

**ଢେଙ୍କାନାଳ ଅଫିସ୍, ୭।୫**

ଢେଙ୍କାନାଳ ଷ୍ଟାଡିୟମ୍‌ରେ ଚାଲିଥିବା ୩ୟ ରାଜ୍ୟସ୍ତରୀୟ ଫ୍ଲଡ୍ ଲାଇଟ୍ ଫୁଟ୍‌ବଲ୍ ପ୍ରତିଯୋଗିତାର ଶନିବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଅନୁଗୋଳ ପତାକା କ୍ଲବକୁ ୫-୩ ଗୋଲ୍‌ରେ ପରାସ୍ତ କରି ୟୁନିଟ୍-୬ ଭୁବନେଶ୍ୱର ଦଳ ସେମିଫାଇନାଲ୍‌ରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଫଳରେ ଫଳାଫଳ ପାଇଁ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ଭୁବନେଶ୍ୱର ୟୁନିଟ୍-୬ ପ୍ରତିପକ୍ଷ ପତାକା କ୍ଲବକୁ ୫-୩ ଗୋଲ୍‌ରେ ପରାସ୍ତ କରିଥିଲା। ମ୍ୟାଚ୍‌କୁ ଅରୁଣ ନାୟକ, ଅନିଲ ନନ୍ଦ, ଦେବାଶିଷ ସ୍ୱାଇଁ, ଆଶୀର୍ବାଦ କାନୁନ୍‌ଗୋ ପରିଚାଳନା କରିଥିଲେ। ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ରବିବାର ଗ୍ରୁପ୍-ବି ପର୍ଯ୍ୟାୟର ଅନ୍ୟ ଏକ ମ୍ୟାଚ୍ ୟୁନାଇଟେଡ୍ କ୍ଲବ ବରଗଡ଼ ଏବଂ ୟୁନାଇଟେଡ୍ ସ୍ପୋର୍ଟସ୍ କ୍ଲବ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ସୂଚନା ଦେଇଛନ୍ତି। ଜିଲା କ୍ରୀଡ଼ା ସଂଘ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟ ଆସନ୍ତା ୧୦ ତାରିଖରେ ଉଦ୍‌ଯାପିତ ହେବ।

# ଦୋଷୀ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

- ରଥକାଠ ଜବତ ମାମଲାର ତଦନ୍ତ ଆରମ୍ଭ
- ଦେବୋତ୍ତର ବିଭାଗର ଅଡୁଆ ବଢ଼ିଲା

**ଢେଙ୍କାନାଳ ଅଫିସ, ୭।୫**

ବନ ବିଭାଗର ବିନା ଅନୁମତିରେ ରଥ ନିର୍ମାଣ ପାଇଁ କପିଳାସ ସଂରକ୍ଷିତ ଅଭୟାରଣ୍ୟରୁ ଧଉରା ଗଛ କାଟି ଅଡୁଆରେ ପଡ଼ିଛି ଢେଙ୍କାନାଳ ଜିଲା ଦେବୋତ୍ତର ବିଭାଗ। ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ବନଖଣ୍ଡ ଅଧିକାରୀ ସ୍ପଷ୍ଟ କରିଛନ୍ତି। ଏଥିସହ ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ସେ ନିର୍ଦ୍ଦେଶ ଦେବା ପରେ ବିଭାଗୀୟ ଅଧିକାରୀ ଖୋଳତାଡ଼ ଆରମ୍ଭ କରିଛନ୍ତି।

ଢେଙ୍କାନାଳର ଐତିହାସିକ ରଥଯାତ୍ରା ପାଇଁ ପରମ୍ପରା ଅନୁଯାୟୀ ଅକ୍ଷୟ ତୃତୀୟାରେ ରଥକାଠ ଅନୁକୂଳ କରାଯିବା ନିୟମ ରହିଛି। ତେବେ ଏହାର ଦୁଇଦିନ ପୂର୍ବରୁ ଦେବୋତ୍ତର ବିଭାଗ ଅଖ ନିର୍ମାଣ ପାଇଁ ଯୋଗାଡ଼ କରିଥିବା ୨ଟି ଧଉରା କାଠକୁ ବନ ବିଭାଗ ଜବତ କରିଥିଲା। ବନ ବିଭାଗ ଅଧିକାରୀଙ୍କ ବିନା ଅନୁମତିରେ କପିଳାସ ଅଭୟାରଣ୍ୟରୁ ଏହାକୁ କଟାଯାଇଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାବେଳେ ଦାୟିତ୍ୱହୀନତା ପାଇଁ ନିନ୍ଦିତ ହୋଇଥିଲା ଦେବୋତ୍ତର ବିଭାଗ। ରଥକାଠ ସଂଗ୍ରହ ଏକ ମିଳିତ ପ୍ରକ୍ରିୟା। ଜିଲା ପ୍ରଶାସନ, ଦେବୋତ୍ତର ବିଭାଗ ଏବଂ ବନ ବିଭାଗ ମଧ୍ୟରେ ଏଥିଲାଗି ପୂର୍ବରୁ ଆଲୋଚନା ହେବା କଥା। ଏହାପରେ ଅନୁମତି ନିଆଯାଇ ନିର୍ଦ୍ଧାରିତ ସ୍ଥାନରୁ ଧଉରା କାଠ ସଂଗ୍ରହ କରାଯାଇଥାଏ। ତେବେ ଦେବୋତ୍ତର ବିଭାଗ ଏଥିରେ ଖିଲାପ କରିଛି। ତେଣୁ ଏହାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଥିବା ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। ଘଟଣାର ତଦନ୍ତ ପାଇଁ କପିଳାସ ରେଞ୍ଜ୍ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ପରେ ଯିଏ ଦୋଷୀ ସାବ୍ୟସ୍ତ ହେବେ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ରାଜରାଜୁଡ଼ା ଅମଳର ଐତିହାସିକ ରଥଯାତ୍ରା ପାଇଁ ଦେବୋତ୍ତର ବିଭାଗର ପ୍ରସ୍ତୁତି ଯେ ସନ୍ତୋଷଜନକ ନୁହେଁ, ତାହା ଧଉରା କାଠ ଜବତ ଘଟଣାରୁ ସ୍ପଷ୍ଟ ହୋଇଛି। କରୋନା ସଂକ୍ରମଣ ପାଇଁ ଦୀର୍ଘ ୨ବର୍ଷ ହେଲା ବନ୍ଦ ଥିବା ରଥଯାତ୍ରାକୁ ଆଡମ୍ବର ସହକାରେ ଆୟୋଜନ କରିବାକୁ ଜଗନ୍ନାଥପ୍ରେମୀ ଚାହିଁ ବସିଥିବାବେଳେ ରଥ ଅନୁକୂଳ ଦିନ ପରମ୍ପରା ଭଙ୍ଗ ହୋଇଛି। ବନ ବିଭାଗ କାଠ ଜବତ କରିବା ପରେ ଏକ ସ' ମିଲ୍‌ରୁ କାଠ କିଣି ଦେବୋତ୍ତର ବିଭାଗ କାମ ଚଳାଇଥିଲା, ଯାହାକୁ ସହରର ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି।



ବନ ବିଭାଗ ଜବତ କରିଥିବା ଧଉରା କାଠ।

# ଶନିଶ୍ଚର ପୂଜା ପାଇଁ ଚଳଚଞ୍ଚଳ ପୀଠ

**ପରଜଙ୍ଗ, ୭।୫(ଡି.ଏନ.ଏ.):** ଶନିଶ୍ଚର ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି ପରଜଙ୍ଗ ବ୍ଲକର ବିଭିନ୍ନ ଶନି ମନ୍ଦିର। ମାନସିକଧାରୀ, ଶ୍ରଦ୍ଧାଳୁମାନେ ପ୍ରାତଃ ସମୟରୁ ଶୁଦ୍ଧପୂତ ଭାବେ ଶନିଦେବଙ୍କ ଆରାଧନା କରିଥିବାବେଳେ ଅଞ୍ଚଳରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ବାତାବରଣ। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ପରଜଙ୍ଗ ଗ୍ରାମରେ ଥିବା ୩ ପୀଠରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥିଲା। ସେହିପରି କଲଦା ପଞ୍ଚାୟତ ବ୍ରାହ୍ମଣବେଡିଆ ଗ୍ରାମର ମହିଳାପୁରୁଷ ମିଳିତ ଭାବେ ଶନିଦେବଙ୍କ ଆରାଧନା କରିଥିଲେ। ମଣ୍ଡପରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସତ୍ତ୍ୱେ ବହୁ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇଥିଲେ। ପୂଜାସ୍ଥଳରେ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା।



# ବିଧାୟକଙ୍କ ନିଃସର୍ତ୍ତ ମୁକ୍ତି ଦାବି

**ଢେଙ୍କାନାଳ ଅଫିସ, ୭।୫**

ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀଙ୍କ ଗିରଫଦାରିକୁ ନେଇ ତୀବ୍ର ନିନ୍ଦା କରିଛି ଢେଙ୍କାନାଳ ଭାଜପା। ବିଧାୟକଙ୍କ ନାମରେ କରାଯାଇଥିବା ମାମଲାକୁ ତୁରନ୍ତ ପ୍ରତ୍ୟାହାର କରି ତାଙ୍କୁ ନିଃସର୍ତ୍ତ ମୁକ୍ତ କରିବା ପାଇଁ ଦଳ ପକ୍ଷରୁ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି। ଦଳ ପକ୍ଷରୁ ଅଭିଯୋଗ କରାଯାଇଛି, ତିଲେଇବଣି ବିଡିଓଙ୍କୁ ରାଜ୍ୟ ସରକାର ପରୋକ୍ଷରେ ସମର୍ଥନ କରୁଛନ୍ତି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଓଲଟି ବିଧାୟକଙ୍କୁ ଗିରଫ କରାଯାଇଛି। ବିଧାୟକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ସମ୍ପୃକ୍ତ ବିଡିଓଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଅଞ୍ଜଳି ବେହେରା, ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ନିରଜ ନଳିନୀ ମହାଲିକ, ଶତ୍ରୁଘ୍ନ ଜେନା, ପୂର୍ବତନ ନଗରପାଳ ସୁନୀଲ ଶର୍ମା, ଜିଲା ମିଡିଆ ସେଲ୍ ପ୍ରଭାରୀ ନବକିଶୋର ଗୁରୁ, ଉପସଭାପତି ମାତୃପ୍ରସାଦ ନନ୍ଦ, ସନାତନ ବେହେରା, ଇତିଶ୍ରୀ ସାହୁ, କୋଷାଧ୍ୟକ୍ଷ ସଞ୍ଜୀବ ମହାପାତ୍ର, ଦୀପକ ପଟ୍ଟନାୟକ, ପଦ୍ମଲୋଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଏସ୍‌ପିଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଭାଜପା କାର୍ଯ୍ୟକର୍ତ୍ତାମାନେ।

# ନ୍ୟାୟ ମାଗିଲେ ଛେଳିଆ କ୍ଷତିଗ୍ରସ୍ତ

**କଣିହାଁ, ୭।୫(ଡି.ଏନ୍.ଏ.)**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଦ୍ୱାରା କ୍ଷତିଗ୍ରସ୍ତ ଅନୁଗୋଳ ଜିଲା କଣିହାଁ ବ୍ଲକର ଛେଳିଆ ଗ୍ରାମବାସୀ ହକ୍‌ର ଲଢ଼େଇକୁ ଜୋର୍‌ଦାର କରିଛନ୍ତି। ନ୍ୟାଯ୍ୟ ଦାବିରେ ଶନିବାର ସକାଳ ୬ଟାରୁ ସେମାନେ ଏମ୍‌ସିଏଲ୍ କଣିହାଁ ଟାଇମ୍ ଅଫିସ୍ ସମ୍ମୁଖରେ ସମୂହ ଧାରଣାରେ ବସିଥିଲେ। କ୍ଷତିଗ୍ରସ୍ତଙ୍କ ଦାବିକୁ ସମର୍ଥନ ଜଣାଇ ସେମାନଙ୍କ ସହ ସାମିଲ ହୋଇଥିଲେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଜିଲା ପରିଷଦ ସଭ୍ୟ ରଞ୍ଜନ ସାହୁ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ସରପଞ୍ଚ ଶାନ୍ତନୁ ପ୍ରଧାନ, ସମିତିସଭ୍ୟ କିଶୋରୀ ବେହେରା। ଅନ୍ୟପଟେ ୫ ମାସ ମଧ୍ୟରେ ଦାବି ପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ଖଣି କର୍ତ୍ତୃପକ୍ଷଙ୍କ ନିକଟରୁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକୁ ଅନିର୍ଦ୍ଦିଷ୍ଟ କାଳ ଯାଏ ସ୍ଥଗିତ ରଖାଯାଇଛି। ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ଧାରଣାସ୍ଥଳରେ ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ସମେତ କ୍ଷତିଗ୍ରସ୍ତ ପ୍ରଜାମାନେ।

- ୫ ମାସରେ ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେଲା ଏମ୍‌ସିଏଲ୍
- ଅନିର୍ଦ୍ଦିଷ୍ଟ କାଳ ଯାଏ ସ୍ଥଗିତ ରହିଲା ଆମରଣ ଅନଶନ

କ୍ଷତିଗ୍ରସ୍ତଙ୍କ କହିବା କଥା, ଏମ୍‌ସିଏଲ୍ ପକ୍ଷରୁ ୨୦୦୬ରୁ ଛେଳିଆ ଗ୍ରାମ ଇଲାକାରେ ଜମି ଅଧିଗ୍ରହଣ ଶେଷ ହୋଇଛି। କ୍ଷତିଗ୍ରସ୍ତ ପ୍ରଜାଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ଧାର୍ଯ୍ୟ କରି ୨୦୧୮ ମାର୍ଚ୍ଚ ୧୫ ସୁଦ୍ଧା ପ୍ରଦାନ ସହ ନିଯୁକ୍ତି ଦେବାକୁ ଖଣି କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ଇତିମଧ୍ୟରେ ଦୀର୍ଘ ୪ବର୍ଷ ବିତିଯାଇଥିଲେ ମଧ୍ୟ ଏହାକୁ ପୂରଣ କରିବାରେ ଏମ୍‌ସିଏଲ୍ ଟାଳଟୁଲ ନୀତି ଅବଲମ୍ବନ କରୁଛି। ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ଖଣି କର୍ତ୍ତୃପକ୍ଷ ଚାକିରି ପ୍ରଦାନରେ ଅହେତୁକ ବିଳମ୍ବ କରୁଥିବାରୁ ଅନଶନ ପନ୍ଥା ଆପଣାଇବାକୁ ବାଧ୍ୟ ହୋଇଥିବା ଗ୍ରାମ ସଭାପତି ମାଗୁଣି ପ୍ରଧାନ, ସମ୍ପାଦକ ପ୍ରଫୁଲ୍ଲ ବେହେରା କହିଛନ୍ତି।

ଅନ୍ୟପଟେ ଶନିବାର ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଶାସନ, ଜନପ୍ରତିନିଧି, କ୍ଷତିଗ୍ରସ୍ତ ପ୍ରଜା ଏବଂ ଖଣି କର୍ତ୍ତୃପକ୍ଷଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ୫ମାସ ମଧ୍ୟରେ ଖଣି କର୍ତ୍ତୃପକ୍ଷ ଛେଳିଆ ଗ୍ରାମବାସୀଙ୍କ ଦାବି ପୂରଣ ଦିଗରେ ପଦକ୍ଷେପ ନେବେ ବୋଲି ନିଷ୍ପତ୍ତି ହୋଇଛି। ଏହାପରେ କୋଇଲା ଖଣିରେ ଚାଲିଥିବା ଆମରଣ ଅନଶନକୁ ସ୍ଥଗିତ ରଖାଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଏମ୍‌ପି ମହେଶ ସାହୁ, ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ସମେତ ଖଣିର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### 'କୁଷ୍ଠ ରୋଗୀଙ୍କୁ ସହାୟତାର ହାତ ବଢ଼ାଅ'



ଅନୁଗୋଳ ଅଫିସ,୭।୫: ଅନୁଗୋଳ ଜିଲାରେ କୁଷ୍ଠ ରୋଗୀମାନଙ୍କ ନିମନ୍ତେ ପ୍ରତିଷ୍ଠା ହୋଇଥିବା ଥଇଥାନ କଲୋନୀରେ ସେମାନଙ୍କ ସ୍ୱାସ୍ଥ୍ୟର ଚିକିତ୍ସା, ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ଆଦି ବିଭିନ୍ନ ସରକାରୀ ସହାୟତାକୁ ନେଇ ଗଠିତ ପ୍ରଥମ ସବ୍ କମିଟି ବୈଠକ ଶନିବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କୁଷ୍ଠ ରୋଗୀମାନଙ୍କ ଚିକିତ୍ସା ସମେତ, ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ, ଆଧାରକାର୍ଡ, ବିପିଏଲ୍ କାର୍ଡ, ରାଶନ କାର୍ଡ, ମଧୁବାବୁ ପେନସନ ଓ ବିଜୁ ପକ୍କାଘର ଯୋଜନାରେ ସେମାନଙ୍କୁ ସାମିଲ କରି ସହାୟତା ପ୍ରଦାନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସମାଜରୁ ପୃଥକ ରହୁଥିବା ଏହି କୁଷ୍ଠ ରୋଗୀମାନଙ୍କୁ ଆନ୍ତରିକତାର ସହିତ ସମସ୍ତ ପ୍ରକାର ସହଯୋଗର ହାତ ବଢାଇ ମୁଖ୍ୟ ସ୍ରୋତରେ ସାମିଲ କରିବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର କୁଷ୍ଠ ରୋଗରୁ ସୁସ୍ଥ ହୋଇଥିବା ବ୍ୟକ୍ତିମାନଙ୍କ ଥଇଥାନର ସ୍ଥିତି ଉପରେ ଆଲୋକପାତ କରିଥିଲେ। ଜିଲାରେ ୩ଟି କୃଷ୍ଠ କଲୋନୀ ବଅଁରପାଳର ଜାନସେନ୍ ସେବାସଦନ, ତାଳଚେର ସହରର ତ୍ରିନାଥ କୃଷ୍ଠ ସଂଘ ଓ ଗୋଡିବନ୍ଧର ବଗାଧର କୁଷ୍ଠ କଲୋନୀରେ ୧୨୭ଟି ପରିବାରର ୩୯୭ ଜଣ ଅନ୍ତେବାସୀ ରହୁଛନ୍ତି। ସେମାନଙ୍କୁ ବିଭିନ୍ନ ପ୍ରକାର ଚିକିତ୍ସା ଓ ସରକାରୀ ସହାୟତା ପ୍ରଦାନ କରାଯିବା ଉପରେ ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ) ଡା. ବିଶ୍ୱ ବିହାରୀ ମହାନ୍ତି ତଥ୍ୟ ପ୍ରଦାନ କରିଥିଲେ। ଏହି କଲୋନିରେ ରହୁଥିବା ଅନ୍ତେବାସୀଙ୍କ ମଧ୍ୟରୁ ୩୩୯ ଜଣଙ୍କୁ ଆଧାର କାର୍ଡ,୧୦୫ଙ୍କୁ ପ୍ରମାଣ ପତ୍ର, ୯୯ଜଣଙ୍କୁ ମଧୁବାବୁ ପେନସନ୍, ତ୍ରିନାଥ କୃଷ୍ଠ ସଂଘର ୩୪ ଜଣଙ୍କୁ ବିଜୁ ପକ୍କାଘର ଯୋଜନାରେ ଉପକୃତ କରାଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ସହକାରୀ ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

### ଅଗ୍ନି ନିରାପତ୍ତା ଯାଞ୍ଚ



ଅନୁଗୋଳ ଅଫିସ,୭।୫: ରାଜ୍ୟ ଅଗ୍ନିଶମ ଡିଜିଙ୍କ ନିର୍ଦ୍ଦେଶ ଅନୁଯାୟୀ ଅନୁଗୋଳ ଜିଲା ଅଗ୍ନିଶମ ବିଭାଗ ପକ୍ଷରୁ ଶନିବାର ବିଭିନ୍ନ ପେଟ୍ରୋଲ ପମ୍ପ ଓ ଗ୍ୟାସ ଗୋଦାମର ଅଗ୍ନି ନିରାପତ୍ତା ଯାଞ୍ଚ କରାଯାଇଛି। ଜିଲା ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ଧଳଙ୍କ ନେତୃତ୍ୱରେ ଏହି ଯାଞ୍ଚ କରାଯାଇଥିଲା।

# ସମସ୍ୟାରେ ରାମଦେଓ ସ୍ମାର୍ଟ ସ୍କୁଲ

ପରିକ୍ଷିତ ସାହୁ
ବଇଣ୍ଡା,୭।୫




ଗୁଣାତ୍ମକ ଶିକ୍ଷାରେ ଯେପରି ଭିତ୍ତିଭୂମି ବାଧକ ନ ହେବ ସେଥିପାଇଁ ଶିକ୍ଷାନୁଷ୍ଠାନକୁ ସ୍ମାର୍ଟ କରାଗଲା। ବିଦ୍ୟାଳୟ ପିଛା ବହୁ ଲକ୍ଷ ଟଙ୍କା ବ୍ୟୟ ହେଲା। କିନ୍ତୁ ଶିକ୍ଷକ ଅଭାବ ସମସ୍ୟା ଏବେ ସ୍ମାର୍ଟ ସ୍କୁଲ ଉଦ୍ଦେଶ୍ୟ ପୂରଣରେ ବାଧକ ସାଜିଛି। ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ ରାମଦେଓ ଉଚ୍ଚ ବିଦ୍ୟାଳୟ ଏହାର ଏକ ଉଦାହରଣ। ସ୍କୁଲର ସମସ୍ୟା ନେଇ ବଇଣ୍ଡା ଗ୍ରାମବାସୀ ଓ ପରିଚାଳନା କମିଟି ପକ୍ଷରୁ ଶନିବାର ବିଭାଗୀୟ ମନ୍ତ୍ରୀ, ସଚିବ, ଆଠମଲ୍ଲିକ ବିଧାୟକ, ଅନୁଗୋଳ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଯାଇଛି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ୧୯୬୨ ମସିହାରେ ଗାଁ ଲୋକେ ଏହି ବିଦ୍ୟାଳୟ ସ୍ଥାପନ କରିଥିଲେ। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଏଠାରେ ୨୧୯ ପିଲା ପାଠ ପଢୁଥିବା ବେଳେ ଦୀର୍ଘ ଦିନ ହେବ ୫ ଶିକ୍ଷକ ପଦବୀ ଖାଲି ପଡିଛି। ପ୍ରଧାନ ଶିକ୍ଷକ ପଦବୀରେ ନିଯୁକ୍ତି ଦିଆଯାଉ ନାହିଁ। ଏଥିସହ କଳାରେ ୨ ଶିକ୍ଷକ, ବିଜ୍ଞାନରେ ଜଣେ, ଖେଳ ବିଭାଗରେ ଜଣେ ଶିକ୍ଷକ ପଦବୀ ଖାଲି ପଡ଼ିଛି। ୨ ପିଅନ ପଦବୀ ପୂରଣ କରାଯାଉ ନ ଥିବାରୁ ସରକାରୀ କାଗଜପତ୍ର କାର୍ଯ୍ୟ ଠିକ୍ ଭାବେ

- ଖାଲି ପଡ଼ିଛି ୫ ଶିକ୍ଷକ, ପିଅନ ପଦବୀ
- ଶୌଚାଳୟକୁ ହୋଇନି ପାଣି ସଂଯୋଗ
- ଠପ୍ ପଡ଼ିଛି ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା

ହୋଇପାରୁ ନାହିଁ। ଏ ନେଇ ଗ୍ରାମବାସୀ ୨୦୨୦ ମେ ୨୦ ଓ ୨୦୨୧ ଫେବୃୟାରୀ ୧୫ରେ ଜିଲାପାଳଙ୍କ ଠାରୁ ଆରମ୍ଭ କରି ଶିକ୍ଷାମନ୍ତ୍ରୀଙ୍କ ଯାଏ ଅଭିଯୋଗ କରିଥିଲେ। ସେହିପରି ବିଦ୍ୟାଳୟରେ ଏକ ଛାତ୍ରାବାସ ନିର୍ମାଣ ପାଇଁ ବହୁବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଶୌଚାଳୟଗୁଡିକୁ ଜଳ ଯୋଗାଣ ହୋଇ ନ ଥିବା ଯୋଗୁ ଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ବାଧ ହୋଇ ସେମାନେ ନିକଟସ୍ଥ ପୋଖରୀକୁ ଶୌଚ ପାଇଁ ଯାଉଥିବାରୁ ଅଭିଭାବକମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି। ପାନୀୟ ଜଳ ପ୍ରକଳ୍ପର ପମ୍ପ ଦୀର୍ଘମାସ ହେବ ପୋଡିଯାଇଛି। ଫଳରେ ଗ୍ରୀଷ୍ମ ପ୍ରବାହ ସମୟରେ ଥଣ୍ଡା ପାଣି ପିଇବାରୁ ଛାତ୍ରୀଛାତ୍ରମାନେ ବଞ୍ଚିତ ହେଉଛନ୍ତି। ସେହିପରି ପାଣି ଅଭାବରୁ ବଗିଚାରେ ଲାଗିଥିବା ଗଛ ସବୁ ମରିଗଲାଣି। ତୁରନ୍ତ ବିଦ୍ୟାଳୟର ସମସ୍ୟା ସମାଧାନ କରିବାକୁ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ମଞ୍ଜରୀ ଚାତମ୍ଭା କହିଛନ୍ତି, ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟା ଯୋଗୁ ପାଠପଢ଼ା ବ୍ୟାହତ ହେଉଛି। ଶିକ୍ଷକ ନିଯୁକ୍ତି, ଶୌଚାଳୟ ଓ ପାନୀୟ ଜଳ ବ୍ୟବସ୍ଥା ନେଇ ବହୁବାର ବିଡିଓ, ଜଳଯୋଗାଣ ବିଭାଗ କନିଷ୍ଠଯନ୍ତ୍ରୀଙ୍କୁ ଅବଗତ କରାଯାଇଛି। କିନ୍ତୁ କେହି ଆମ କଥା ଶୁଣୁନାହାନ୍ତି। ବିଡିଓ ଡ. ସ୍ୱରୁପାନନ୍ଦ ସାହୁ ବିଦ୍ୟାଳୟରେ ଜଳଯୋଗାଣ ବ୍ୟବସ୍ଥା କରାଯାଇଛି କହି ପ୍ରସଙ୍ଗକୁ ଏଡାଇଦେଇଥିଲେ।

#### ବିଭାଗ ଅବଗତ ଅଛି



ବଇଣ୍ଡା ହାଇସ୍କୁଲରେ ଶିକ୍ଷକ ଅଭାବ ସମ୍ପର୍କରେ ଶିକ୍ଷା ବିଭାଗ ଅବଗତ ରହିଛି। ଖୁବ୍‌ଶୀଘ୍ର ସରକାର ନୂତନ ଶିକ୍ଷକ ନିଯୁକ୍ତି ଦେଲେ ବଇଣ୍ଡା ହାଇସ୍କୁଲକୁ ଶିକ୍ଷକ ଯୋଗାଇ ଦିଆଯିବ। ଅନ୍ୟାନ ଅସୁବିଧା ସମ୍ପର୍କରେ ବ୍ଲକ ପ୍ରଶାସନକୁ ଅବଗତ କରାଯିବ।

-ନିରଞ୍ଜନ ସାହୁ, ଜିଲା ଶିକ୍ଷା ଅଧିକାରୀ

#### ପୂର୍ବରୁ ଭଲ ପଢ଼ା ହେଉଥିଲା



ପୂର୍ବରୁ ଏହି ବିଦ୍ୟାଳୟ ଭଲ ପାଠପଢ଼ା ପାଇଁ ଉପଖଣ୍ଡରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ହେଲେ କିଛି ବର୍ଷ ହେବ ଶିକ୍ଷକ ଅଭାବ ଯୋଗୁ ଶିକ୍ଷାଦାନରେ ଅସୁବିଧା ହେଉଥିବା ଦେଖିବାକୁ ମିଳୁଛି। ଲୋକ ପ୍ରତିନିଧିମାନଙ୍କୁ ଅବଗତ କଲେ ମଧ୍ୟ ସୁଫଳ ମିଳୁନାହିଁ।

-ଶୁଭ୍ରଜିତ ସାହୁ, ପୁରାତନ ଛାତ୍ର

#### ସରକାରଙ୍କୁ ସମସ୍ୟା ଜଣାଇ ଦିଆଯିବ



ବିଦ୍ୟାଳୟରେ ଥିବା ସମସ୍ତ ଅସୁବିଧା ସମ୍ପର୍କରେ ପଞ୍ଚାୟତ ପକ୍ଷରୁ ବ୍ଲକ ପ୍ରଶାସନ ଓ ଜିଲା ଶିକ୍ଷା ବିଭାଗକୁ ଅବଗତ କରାଯିବ। ଛାତ୍ରାବାସ ପାଇଁ ସରକାରଙ୍କୁ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଯିବ।

-ଦୀପ୍ତିମୟୀ ସାହୁ, ସରପଞ୍ଚ

#### ସବୁ କ୍ଷେତ୍ରରେ ଅବହେଳା



ବହୁ ପୁରାତନ ଏହି ବିଦ୍ୟାଳୟକୁ ସବୁକ୍ଷେତ୍ରରେ ଅବହେଳା କରାଯାଉଛି। ବିଶେଷକରି ବର୍ଷ ବର୍ଷ ଧରି ଶିକ୍ଷକ ପଦବୀ ଖାଲି ପଡ଼ିଥିବାବେଳେ ପାଣି ସମସ୍ୟା ଲାଗିରହିଛି। ତୁରନ୍ତ ଛାତ୍ରାବାସ ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବା ଆବଶ୍ୟକ।

-ରମାକାନ୍ତ ବେହେରା, ଗ୍ରାମବାସୀ

## ଗାଁକୁ ପଶିଆସିଥିବା ହରିଣର ମୃତ୍ୟୁ

ତାଳଚେର,୭।୫(ନି.ପ୍ର.)

ତାଳଚେର ଫରେଷ୍ଟ ରେଞ୍ଜ କଳମଛୁଇଁ ଗ୍ରାମକୁ ଶନିବାର ପଶି ଆସିଥିବା ଏକ ହରିଣର ମୃତ୍ୟୁ ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ହରିଣଟି ପୁରୁଣାସାହି ଦେଇ କାଳିକାପ୍ରସାଦ ସାହି ଆଡ଼କୁ ଯାଉଥିବାବେଳେ ଏକ ପାଚେରିରେ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ହରିଣର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ବନାଞ୍ଚଳ ଅଧିକାରୀ ପହଞ୍ଚି ମୃତ ହରିଣକୁ ବ୍ୟବଚ୍ଛେଦ ପାଇଁ ନେଇଯାଇଥିଲେ। ଜଳାଭାବର ଶିକାର ହୋଇ ହରିଣଗୁଡ଼ିକ ଗାଁ ମୁହାଁ ହେଉଥିବାରୁ ସେମାନଙ୍କ ସୁରକ୍ଷା ପାଇଁ ସାଧାରଣରେ ଦାବି ହେଉଛି।

## ଅଳଙ୍କାର ସହ ଟଙ୍କା ଚୋରି

ଅନୁଗୋଳ ଅଫିସ,୭।୫

ଅନୁଗୋଳ ପୋଲିସକୁ ଖୋଲାଖୋଲି ଚ୍ୟାଲେଞ୍ଜ ଦେଇ ଦୁର୍ବୃତ୍ତମାନେ ଗୋଟିଏ ପରେ ଗୋଟିଏ ଘରୁ ଚୋରି କରୁଛନ୍ତି। ଏ ନେଇ ଅଭିଯୋଗ ବଢୁଥିଲେ ମଧ୍ୟ ପୋଲିସ ଦୁର୍ବୃତ୍ତମାନଙ୍କ ପତ୍ତା ପାଇପାରୁ ନାହିଁ। ହେମସୁରପଡାର ରଞ୍ଜନ ଦେହୁରୀଙ୍କ ଘରୁ ସୁନା ଅଳଙ୍କାର ସହ ଟଙ୍କା ଓ ରୁପା ଚୋରି ହୋଇଥିବା ଶନିବାର ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସୂଚନାଯୋଗ୍ୟ, ରଞ୍ଜନଙ୍କ ସ୍ତ୍ରୀ ନାଲ୍‌କୋ ଅଞ୍ଚଳରେ ଥିବା ଏକ ଘରୋଇ ସ୍କୁଲରେ କାର୍ଯ୍ୟ କରୁଥିବାରୁ ସପରିବାର ନାଲ୍‌କୋ ଅଞ୍ଚଳରେ ରୁହନ୍ତି। ମାସକ ପରେ ସେମାନେ ହେମସୁରପଡ଼ାସ୍ଥିତ ଘରକୁ ଆସିବା ପରେ ଚୋରୁ ହୋଇଥିବା ଜାଣିବାକୁ ପାଇଥିଲେ।

# ଅମାନିଆ ଚାଳକ ଛାନିଆଁ



ପୋଲିସ ଯାନବାହନ ଯାଞ୍ଚ କରୁଛି।

ଢେଙ୍କାନାଳ ଅଫିସ, ୭।୫

- ତୀବ୍ର ଶବ୍ଦ ସୃଷ୍ଟିକାରୀ ୫ ବାଇକ୍ ଜବତ
- ୩ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ

ଦ୍ରୁତଗତିରେ ବାଇକ୍ ଚଳାଇ ସହରର ଗଳିକନ୍ଦିରେ ଆତଙ୍କ ସୃଷ୍ଟି କରୁଥିବା ଅମାନିଆ ଚାଳକଙ୍କ ପ୍ରତି କଠୋର ହୋଇଛି ଢେଙ୍କାନାଳ ଜିଲା ପୋଲିସ। ଆଇନ ଉଲ୍ଲଂଘନ କରି ଗାଡ଼ିଚାଳନା କରୁଥିବା ଏଭଳି ବାଇକ୍ ଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜୋର୍‌ଦାର କରାଯାଇଛି ଧରପଗଡ଼ ଅଭିଯାନ। ଶନିବାର ସନ୍ଧ୍ୟାରେ ଟାଉନ ଥାନା ପୋଲିସ ପକ୍ଷରୁ ଯାଞ୍ଚ ବେଳେ ତୀବ୍ର ଶବ୍ଦ ସୃଷ୍ଟିକାରୀ ସାଇଲେନ୍ସର ଲଗାଯାଇଥିବା ୫ ଗାଡ଼ି ଜବତ ଧରାପଡ଼ିଛି। ସେହିପରି ମୋବାଇଲରେ କଥା ହୋଇ ଗାଡ଼ି ଚଳାଉଥିବା ଅଭିଯୋଗରେ ୩ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି।

ସହରରେ ଅମାନିଆ ବାଇକ୍ ଚାଳକଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। କେତେଜଣ ଯୁବକ ବାଇକ୍ ଢାଞ୍ଚାରେ ପରିବର୍ତ୍ତନ କରି ତୀବ୍ର ଶବ୍ଦ ସୃଷ୍ଟି କରୁଥିବା ସାଇଲେନ୍ସର ଲଗାଉଛନ୍ତି। ଜନଗହଳି ପୂର୍ଣ୍ଣ ରାସ୍ତାରେ ଦ୍ରୁତଗତିରେ ବାଇକ୍ ଚଳାଇ ପଥଚାରୀଙ୍କ ପ୍ରତି ବିପଦ ସୃଷ୍ଟି କରୁଥିବାବେଳେ ଶାନ୍ତି ବ୍ୟାହତ ହେଉଛି। ସ୍ୱାସ୍ଥ୍ୟଜନିତ ସମସ୍ୟା ଭୋଗୁଥିବା ଲୋକଙ୍କ ପାଇଁ ଏଭଳି ଉଚ୍ଚ ଶବ୍ଦ ସମସ୍ୟା ବଢ଼ାଉଛି। ବିଶେଷ କରି ସନ୍ଧ୍ୟା ସମୟରେ ଏଭଳି ଉଚ୍ଚ ଶବ୍ଦ କରି ବାଇକ୍ ଚଳାଇବା ଯୋଗୁ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏ ନେଇ କେତେଜଣ ବୁଦ୍ଧିଜୀବୀ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ଟାଉନ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀ ସଦଳବଳ ଜବାହରଚୌକ ସମେତ ସହରର ବିଭିନ୍ନ ଅଞ୍ଚଳରେ ନାକାବନ୍ଦୀ କରି ଯାଞ୍ଚ ଜାରି ରଖିଛନ୍ତି। ଏଥିସହ ନିଶା ସେବନ କରି ଗାଡ଼ି ଚଳାଉଥିବା ଚାଳକଙ୍କୁ ଧରିବା ଲାଗି 'ଡ୍ରଙ୍କ୍ ଆଣ୍ଡ୍ ଡ୍ରାଇଭ' ଅଭିଯାନ ଜୋର୍‌ଦାର କରାଯାଇଛି। ଆଗାମୀ ଦିନରେ ସହର ଭିତରେ ଏଭଳି ଯାଞ୍ଚ ନିୟମିତ କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

# ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା



ଉତ୍ତ୍ୟକ୍ତ ଲୋକଙ୍କ ସହ ବନ ବିଭାଗ ଓ ପୋଲିସ ଅଧିକାରୀ ଆଲୋଚନା କରୁଛନ୍ତି।

ବନ୍ତଳା,୭।୫(ଡି.ଏନ.ଏ.)

- ବୁଧବାର ଧକ୍କା ଦେଇଥିଲା ବନ ବିଭାଗ ଗାଡ଼ି
- କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଜଗନ୍ନାଥପୁର ଗ୍ରାମ ଛକରେ ବୁଧବାର ସାତକୋଶିଆ ଅଭୟାରଣ୍ୟର ପମ୍ପାସର ରେଞ୍ଜରେ ଲାଗିଥିବା ଏକ ଗାଡି ଧକ୍କାରେ ଗୁରୁତର ହୋଇଥିବା ସ୍ଥାନୀୟ ଯୁବକ ଦୁଷ୍ମନ୍ତ ସାହୁ(୪୪)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ମୃତ୍ୟୁ ହୋଇଛି। ଶନିବାର ଏହି ଖବର ମିଳିବା ପରେ ଗ୍ରାମରେ ଉତ୍ତେଜନା ଦେଖା ଦେଇଥିଲା। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ଜଗନ୍ନାଥପୁର ଛକରେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ଏସ୍‌ଡିପିଓ ଭବାନୀ ଶଙ୍କର ଉଦଗାତା, ପୁରୁଣାକୋଟ ଆଇଆଇସି ଆଶିଷ କୁମାର ଜେନା, ବନ୍ତଳା ଆଇଆଇସି ସୁମିତ୍ରା ପାତ୍ର, ଏସିଏଫ୍ ଶୁଭେନ୍ଦୁ ବେହେରା, ପୁରୁଣାକୋଟ ରେଞ୍ଜ ଅଧିକାରୀ ଜୟନ୍ତ ପଟ୍ଟନାୟକ, ଟିକରପଡା ରେଞ୍ଜ ଅଧିକାରୀ ମାଗୁଣି ବେହେରା, ରାଇଗୁଡା ରେଞ୍ଜ ଅଧିକାରୀଙ୍କ ସହିତ ୨ ପ୍ଲାଟୁନ ଫୋର୍ସ ପହଞ୍ଚି ବୁଝାଶୁଝା କରିଥିଲେ। ମୃତ ଦୁଷ୍ମନ୍ତଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା, ଦୁଇ ଝିଅଙ୍କୁ ୧୮ ବର୍ଷ ହେବା ପର୍ଯ୍ୟନ୍ତ ମାଗଣା ପାଠ ପଢ଼ା ଓ ସ୍ତ୍ରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି ଦେବାକୁ ଗ୍ରାମବାସୀ ଦାବି କରିଥିଲେ। ଆଲୋଚନା ପରେ ମୃତକଙ୍କ ସ୍ତ୍ରୀଙ୍କୁ ଜଗନ୍ନାଥପୁର ବିଟ୍‌ରେ ୱାଚର ନିଯୁକ୍ତି, ବନ ବିଭାଗ ପକ୍ଷରୁ ମୋଟ ୨ଲକ୍ଷ ୫୦ ହଜାର ଟଙ୍କା ସହାୟତା ଏବଂ ଗାଡ଼ି ବୀମା ଅର୍ଥ ପ୍ରଦାନରେ ସହଯୋଗ କରାଯିବ ବୋଲି ଏସିଏଫ୍ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଅଧକ୍ଷଙ୍କୁ ସମ୍ବର୍ଦ୍ଧନା

ଅନୁଗୋଳ ଅଫିସ,୭।୫



ପ୍ରତିଷ୍ଠାନର ରାଜ୍ୟ ଅଧକ୍ଷଙ୍କୁ ସ୍ୱାଗତ କରାଯାଉଛି।

ଅନୁଗୋଳ ଜିଲା ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ପ୍ରତିଷ୍ଠାନର ରାଜ୍ୟ ଅଧକ୍ଷ ଜଷ୍ଟିସ ମନୋରଞ୍ଜନ ମହାନ୍ତିଙ୍କୁ ଶନିବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଜଷ୍ଟିସ ମହାନ୍ତି ଦୁଇ ଦିନିଆ ଅନୁଗୋଳ ଗସ୍ତରେ ଅଛନ୍ତି। ସେ ଗାନ୍ଧୀ ବିଚାରର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ବାଜି ରାଉତ ଛାତ୍ରାବାସ ସାଧାରଣ ପରିଷଦ ସଭାରେ ଅତିଥି ଭାବେ ଯୋଗଦାନ କରିବା କାର୍ଯ୍ୟକ୍ରମ ରହିଛି। ଜଷ୍ଟିସ ମହାନ୍ତି ଅନୁଗୋଳ ଜିଲାର କାର୍ଯ୍ୟ ବାବଦରେ ପ୍ରତିଷ୍ଠାନର ସଦସ୍ୟମାନଙ୍କ ସହ ଆଲୋଚନା କରିବା ସହିତ ଜିଲାରେ ଶାନ୍ତି ସଂହତି ବଜାୟ ରଖିବା ଓ ସ୍ଥାନୀୟ ଲୋକେ କିପରି ସ୍ୱାବଲମ୍ବୀ ହେବେ ସେ ଦିଗରେ ପ୍ରତିଷ୍ଠାନ ଦାୟିତ୍ୱ ନେବା ଆବଶ୍ୟକ ବୋଲି ମତ ଦେଇଥିଲେ। ପ୍ରତିଷ୍ଠାନ ପକ୍ଷରୁ ଅନୁଗୋଳ ବାର୍ ଆସୋସିଏଶନର ପୂର୍ବତନ ଅଧକ୍ଷ ଦିଲିପ କୁମାର ଦାସ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଅନୁଗୋଳ ଶାଖା ସଦସ୍ୟ ଶଙ୍କର ବେହେରା, ଅଜୟ ଭାଇ, କଲ୍ୟାଣ କିଶୋର ମହାନ୍ତି, ପାବକ ଗଡ଼ନାୟକ, ପ୍ରତାପ ମହାପାତ୍ର, ପ୍ରଦ୍ୟୁମ୍ନ ନାଏକ, କେନ୍ଦ୍ରୀୟ ଗାନ୍ଧୀ ସ୍ମାରକ ନିଧିର ଟ୍ରଷ୍ଟି ଡ. ବିଶ୍ୱଜିତ, ବାଜି ରାଉତ ଛାତ୍ରାବାସ ସମ୍ପାଦକ ଭାବଗ୍ରାହୀ ନାଏକ, ରାଷ୍ଟ୍ରୀୟ ଯୁବା ସଙ୍ଗଠନ ରାଜ୍ୟ ସଂଯୋଜକ ସୂର୍ଯ୍ୟ ନାରାୟଣ ନାଥ, ଆଦ୍ୟଶ୍ଳୋକ ମିଶ୍ର, ମାନସ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

# ୧୩ରେ ୧୨ ଘଣ୍ଟିଆ ତାଳଚେର ବନ୍ଦ

ତାଳଚେର,୭।୫(ନି.ପ୍ର.)




କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

ତାଳଚେର ମେଡିକାଲ କଲେଜକୁ ସରକାରୀସ୍ତରରେ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦାବିରେ ଆସନ୍ତା ୧୩ ତାରିଖରେ ତାଳଚେରରେ ବନ୍ଦ ପାଳନ କରାଯିବ। ଶନିବାର ତାଳଚେର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ତରଫରୁ ସ୍ଥାନୀୟ ଡେରା ଶିବ ମନ୍ଦିର ପରିସରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏ ନେଇ ସ୍ଥିର କରାଯାଇଛି।

### ପ୍ରସ୍ତୁତି ବୈଠକରେ ସହଯୋଗ ଲୋଡ଼ାଗଲା

ରବି ନାରାୟଣ ପ୍ରଧାନଙ୍କ ଅଧକ୍ଷତାରେ ଏହି ବୈଠକରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ତରଫରୁ ବନ୍ଦ ପାଳନକୁ ପୂର୍ଣ୍ଣ ସହଯୋଗ କରିବାକୁ ମତପ୍ରକାଶ ପାଇଥିଲା। ପ୍ରକାଶ ଥାଉକି, ତାଳଚେର ମେଡିକାଲ କଲେଜକୁ ସରକାରୀସ୍ତରରେ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦାବିରେ ଗତ ୨୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ୭ ଦିନ ମଧ୍ୟରେ ଦାବି ପୂରଣ ନେଇ ପଦକ୍ଷେପ ନିଆ ନ ଗଲେ ଆସନ୍ତା ୧୩ ତାରିଖରେ ୧୨ ଘଣ୍ଟିଆ ତାଳଚେର ବନ୍ଦ କରାଯିବା ସହ ଜୁନ୍ ୧ରୁ ୭୨ ଘଣ୍ଟିଆ ଅର୍ଥନୈତିକ ଅବରୋଧ କରିବାକୁ ଅଞ୍ଚଳବାସୀ ବାଧ୍ୟ ହେବେ ବୋଲି ଉକ୍ତ ସ୍ମାରକପତ୍ରରେ ଚେତାବନୀ ଦିଆଯାଇଥିଲା। ଏହି ବନ୍ଦ ପାଳନରେ ପ୍ରଶାସନିକ କଳ, ତାଳଚେରର ବିଭିନ୍ନ ଅନୁଷ୍ଠାନ, ସରକାରୀ/ ବେସରକାରୀ ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ, ଓକିଲ ସଂଘ, ଟ୍ରକ୍ ମାଲିକ ସଂଘ, ବସ୍ ମାଲିକ ସଂଘ ସମେତ ଅଞ୍ଚଳବାସୀ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

# ଭାରତର ନେତୃତ୍ୱ ନେବେ ସିନ୍ଧୁ, ଲକ୍ଷ୍ୟ

## ଥୋମାସ, ଉବର କପ୍ ଆଜିଠାରୁ

**ବ୍ୟାଙ୍କକ୍, ୭।୫(ପି.ଟି.)**

ଏଠାରେ ରବିବାରଠାରୁ ଆରମ୍ଭ ହେବାକୁଥିବା ଥୋମାସ ଓ ଉବର କପ୍‌ରେ ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳ ଏହାର ପଦକ ଅଭିଯାନ ଆରମ୍ଭ କରିବ। ଡବଲ ଅଲିମ୍ପିକ ପଦକ ବିଜୟିନୀ ପି.ଭି. ସିନ୍ଧୁ ଓ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ଲକ୍ଷ୍ୟ ସେନ୍‌ଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ। ଭାରତୀୟ ପୁରୁଷ ଦଳ ଥୋମାସ କପ୍‌ରେ ଥରେ ହେଲେ ଗୋଟିଏ ପଦକ ଜିତିବାରେ ସମର୍ଥ ହୋଇ ନାହିଁ। ଏପରି କି ଥରେ ହେଲେ ସେମିଫାଇନାଲରେ ପ୍ରବେଶ କରିପାରି ନାହିଁ। ଅନ୍ୟପକ୍ଷରେ ମହିଳା ଦଳ କିନ୍ତୁ କ୍ରମାଗତ ଦୁଇଟି ସଂସ୍କରଣ ଯଥା ୨୦୧୪ ଓ ୨୦୧୬ରେ ସେମିଫାଇନାଲରେ ପ୍ରବେଶ ସହ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିପାରିଛି। ଗତବର୍ଷ ଉଭୟ ପୁରୁଷ ଓ ମହିଳା ଦଳ କ୍ୱାର୍ଟରଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଥିଲେ। ଏଥର କିନ୍ତୁ ଭାରତ ଏକ ଶକ୍ତିଶାଳୀ ପୁରୁଷ ଦଳ ପଠାଇଛି। ଦଳରେ ବିଶ୍ୱର ୯ ନମ୍ବର ସେନ୍, ୧୧ ନମ୍ବର କିଡାମ୍ବି ଶ୍ରୀକାନ୍ତ ଏବଂ ବିଶ୍ୱର ୨୩ ନମ୍ବର ର୍‍ୟାଙ୍କିଙ୍ଗ୍‌ପ୍ରାପ୍ତ ଏଚ୍. ଏସ୍. ପ୍ରଣୟଙ୍କ ଭଳି ଖେଳାଳି ସ୍ଥାନ ପାଇଛନ୍ତି। ସେହିପରି ଡବଲ୍ସରେ ନେତୃତ୍ୱ ନେବେ ବିଶ୍ୱର ୯ ନମ୍ବର ମାନ୍ୟତାପ୍ରାପ୍ତ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି। ଏମାନଙ୍କ ବ୍ୟତୀତ ଅନ୍ୟ ଭାରତୀୟ ଯୋଡ଼ି ଏମ୍.ଆର୍. ଅର୍ଜୁନ ଓ ଧ୍ରୁବ କାପିଲ ଏବଂ କ୍ରିଷ୍ଣା ପ୍ରସାଦ ଗାରାଗା ଓ ବିଷ୍ଣୁବର୍ଦ୍ଧନ ଗୌଡ଼ ପଞ୍ଜାଲା ମଧ୍ୟ ଦଳର ଅଂଶବିଶେଷ ରହିଛନ୍ତି। ଜର୍ମାନୀ, ଚାଇନିଜ, ତାଇପେ ଓ କାନାଡା ସହ ଭାରତ ପ୍ରତିଯୋଗିତାର ଗ୍ରୁପ୍ ସି'ରେ ସ୍ଥାନ ପାଇଛି। ଅନ୍ୟପକ୍ଷରେ ଇଞ୍ଜୁରୀ ଯୋଗୁ ଅଭିଜ୍ଞ ଡବଲ୍ସ ଯୋଡ଼ି ଏନ. ସିକ୍କି ରେଡ୍ଡୀ ଓ ଅଶ୍ୱିନୀ ପୋନାପ୍ପା ଓ ଉଦୀୟମାନ ଖେଳାଳି ଗାୟତ୍ରୀ ଗୋପୀଚାନ୍ଦଙ୍କ ଅନୁପସ୍ଥିତିରେ ମହିଳା ଦଳ ଦୁର୍ବଳ ହୋଇପଡ଼ିଛି। ସେମାନଙ୍କ ଅନୁପସ୍ଥିତିରେ ତନିଶା କ୍ରାଷ୍ଟୋ, ଶ୍ରୁତି ମିଶ୍ରା, ସିମ୍ରନ ସିଂଘି, ରତିକା ଠାକର ଓ ତ୍ରିଷା ଜୋଲିଙ୍କ ଭଳି ନବାଗତ ଖେଳାଳି ଭାରତୀୟ ଚ୍ୟାଲେଞ୍ଜ ସମ୍ଭାଳିବେ। ମହିଳା ସିଙ୍ଗଲ୍ସରେ ବିଶ୍ୱର ୭ନମ୍ବର ମାନ୍ୟତାପ୍ରାପ୍ତ ସିନ୍ଧୁଙ୍କଠାରୁ ଅଧିକ ଆଶା କରାଯାଉଛି। ଅନ୍ୟ ଦୁଇ ସିଙ୍ଗଲ୍ସ ଖେଳାଳି ଆକର୍ଷୀ କାଶ୍ୟପ ଓ ଉନ୍ନତି ହୁଦାଙ୍କର ଯଥେଷ୍ଟ ଅଭିଜ୍ଞତା ନାହିଁ। କିନ୍ତୁ ସେମାନଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରାଯାଉଛି। କାରଣ କଷ୍ଟସାଧ୍ୟ ସିଲେକ୍ସନ ଟ୍ରାଏଲ୍‌ରେ ଭଲ ପ୍ରଦର୍ଶନ କରି ସେମାନେ ଦଳରେ ସ୍ଥାନ ପାଇଛନ୍ତି। ପ୍ରମୁଖ ଖେଳାଳିଙ୍କ ଅନୁପସ୍ଥିତିରେ ଗ୍ରୁପ୍ ଡି'ରେ ଦକ୍ଷିଣ କୋରିଆ, କାନାଡା ଓ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଦଳକୁ ଅତିକ୍ରମ କରି ଏକ ପଦକ ଜିତିବା ସହଜ କଥା ନୁହେଁ। ଟୁର୍ନାମେଣ୍ଟର ଫର୍ମାଟ ଅନୁସାରେ ଏଥିରେ ଅଂଶଗ୍ରହଣ କରୁଥିବା ମୋଟ ୧୬ଟି ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେବେ।


ଲକ୍ଷ୍ୟ ସେନ୍ ଓ ପି.ଭି. ସିନ୍ଧୁ।

# ରାଜ୍ୟଗୋଷ୍ଠୀ କ୍ରୀଡ଼ା: ଶ୍ରେଷ୍ଠ ଦଳ ପଠାଇବ ଭାରତ

**ନୂଆଦିଲ୍ଲୀ, ୭।୫ (ପି.ଟି.)**

ଏସିଆଡ, ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ୱାର୍ଲ୍ଡ ଇଭେଣ୍ଟ ପାଇଁ ଜାତୀୟ କ୍ରୀଡ଼ାସଂଘଗୁଡ଼ିକ ପୃଥକ୍ ପୃଥକ ଦଳ ପଠାଇବା ଲାଗି ବାଧ୍ୟ ହୋଇଥିଲେ। ମାତ୍ର କୋଭିଡ୍ ସଂକ୍ରମଣ ବୃଦ୍ଧି ଯୋଗୁ ସେପ୍ଟେମ୍ବର ୧୦ରୁ ୨୫ ପର୍ଯ୍ୟନ୍ତ ଚାଇନାର ହାଙ୍ଗ୍‌ଝୋଠାରେ ହେବାକୁ ଥିବା ଏସିଆନ ଗେମ୍ସକୁ ସ୍ଥଗିତ ରଖାଯିବାରୁ ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ), ହକି ଇଣ୍ଡିଆ ଓ ଆର୍ଚେରୀ ଆସୋସିଏଶନ ଅଫ୍ ଇଣ୍ଡିଆ (ଏଏଆଇ) ବର୍ତ୍ତମାନ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ଶ୍ରେଷ୍ଠ ଦଳ ପଠାଇବା ଲାଗି ବିଚାର କରୁଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା (ଜୁଲାଇ ୨୮ରୁ ଅଗଷ୍ଟ ୮) ଏବଂ ଏସିଆନ ଗେମ୍ସ (ସ୍ଥଗିତ ପୂର୍ବରୁ) ମଧ୍ୟରେ ବ୍ୟବଧାନ କମ୍ ରହିଥିଲା। ତେଣୁ କ୍ରୀଡ଼ା ମହାସଂଘଗୁଡ଼ିକ ଦୁଇଟି ବଡ଼ ଇଭେଣ୍ଟ ଏବଂ ଚଳିତ ସିଜନର ବିଶ୍ୱ ଇଭେଣ୍ଟଗୁଡ଼ିକ ଲାଗି ପୃଥକ୍ ପୃଥକ୍ ଦଳ ପଠାଇବା ଲାଗି ନିଷ୍ପତ୍ତି ନେଇଥିଲେ। କାରଣ ଆଥଲେଟମାନେ ପାଖକୁ ପାଖ ଦୁଇଟି ଗ୍ଲୋବାଲ ଇଭେଣ୍ଟରେ ଭାଗ ନେବା ଦ୍ୱାରା ସେମାନଙ୍କ ମାନସିକ ଓ ସ୍ୱାସ୍ଥ୍ୟାବସ୍ଥାରେ ଖରାପ ପ୍ରଭାବ ପକାଇବା ଆଶଙ୍କା ରହିଛି। ହକି (ଉଭୟ ପୁରୁଷ ଓ ମହିଳା) ଏବଂ ଟେନିସ (ଉଭୟ ପୁରୁଷ ଓ ମହିଳା) ଭଳି ଖେଳ ପାଇଁ ଏସିଆନ ଗେମ୍ସକୁ ଅଲିମ୍ପିକ କ୍ୱାଲିଫାଇଙ୍ଗ୍ ଇଭେଣ୍ଟ ଭାବେ ବିବେଚନା କରାଯାଉଛି। ଏହି ଦୁଇଟି ମହାସଂଘ ହାଙ୍ଗ୍‌ଝୋକୁ ସେମାନଙ୍କ ଶ୍ରେଷ୍ଠ ଦଳ ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ 'ଏ' ଟିମ୍ ପଠାଇବା ଲାଗି ଯୋଜନା କରିଥିଲେ। ରେସଲିଂ ଓ ଆର୍ଚେରୀ ମହାସଂଘ ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ସେମାନଙ୍କ ଶ୍ରେଷ୍ଠ ଖେଳାଳି ଏବଂ ୱାର୍ଲ୍ଡ ଇଭେଣ୍ଟଗୁଡ଼ିକ ଲାଗି ଦ୍ୱିତୀୟ ଶ୍ରେଷ୍ଠ ଆଥଲେଟ ପଠାଇବା ଲାଗି ସ୍ଥିର କରିଥିଲେ। ମାତ୍ର ବର୍ତ୍ତମାନ ଏକ ବଡ଼ ଇଭେଣ୍ଟକୁ ସ୍ଥଗିତ ରଖାଯାଇଥିବାରୁ ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକ ସେମାନଙ୍କ ଯୋଜନାରେ ପରିବର୍ତ୍ତନ କରିଛନ୍ତି।

# ୩ ବିଲିୟନ ଡଲାରରେ ବିକ୍ରି ହେଲା ଚେଲ୍‌ସି

**ଲଣ୍ଡନ, ୭।୫(ଏପି):** ଚେଲ୍‌ସିକୁ ଲସ୍ ଆଞ୍ଜେଲ୍ସ ଡଜର୍ସ ସହ ମାଲିକ ଟଡ୍ ବୋହଲିଙ୍କ ନେତୃତ୍ୱାଧୀନ ଗ୍ରୁପ୍ କିଣିବା ସ୍ପଷ୍ଟ ହୋଇଛି। ବୋହଲି ଗ୍ରୁପ୍‌ରେ ଡଜର୍ସ ସହ ମାଲିକ ମାର୍କ ୱାଲ୍ଟର, ସୁଇସ୍ ବିଲିୟନେୟାର ହାନ୍ସଜୋର୍ଗ ୱିସ ଓ ଆମେରିକାର ନିବେଶକାରୀ ଫାର୍ମ କ୍ଲିଅରଲେକ୍ କ୍ୟାପିଟାଲ ରହିଛନ୍ତି। ଏହି ଗ୍ରୁପ୍ ପ୍ରିମିୟର କ୍ଲବ ପାଇଁ ରେକର୍ଡ ୪.୩୫ ବିଲିୟନ ପାଉଣ୍ଡ୍‌ରେ ଚୁକ୍ତି କରିଛି। ୧.୭୫ ବିଲିୟନ ପାଉଣ୍ଡ୍ ଚେଲ୍‌ସିର ଭବିଷ୍ୟତରେ ନିବେଶ କରାଯିବ। ବଳକା ୨.୫ ବିଲିୟନ ପାଉଣ୍ଡ୍ ଅର୍ଥକୁ ବର୍ତ୍ତମାନ ମାଲିକ ରୋମାନ ଆବ୍ରାମୋଭିଚ୍‌ଙ୍କ ଉପରେ ଲାଗିଥିବା ବାସନ୍ଦାଦେଶ କାରଣରୁ ଫ୍ରିଜ୍ କରାଯିବ।






# ଜାତୀୟ ରେକର୍ଡ ଭାଙ୍ଗିଲେ ଅବିନାଶ

**ନୂଆଦିଲ୍ଲୀ, ୭।୫:** ଭାରତୀୟ ଧାବକ ଅବିନାଶ ସାବଲେ ୩୦ ବର୍ଷର ପୁରୁଣା ପୁରୁଷ ୫୦୦୦ ମିଟର ଷ୍ଟିପଲ ଚେଜ୍ ଜାତୀୟ ରେକର୍ଡ ଭାଙ୍ଗିଛନ୍ତି। ଆମେରିକାର କାଲିଫର୍ନିଆର ସାନ ଜୁଆନ କାପିଷ୍ଟ୍ରାନୋଠାରେ ଚାଲିଥିବା ସାଉଣ୍ଡ୍ ରନିଂ ଟ୍ରାକ୍ ପ୍ରତିଯୋଗିତାରେ ସେ ଏହି ସଫଳତା ପାଇଛନ୍ତି। ୩୦୦୦ ମିଟର ଷ୍ଟିପଲଚେଜ୍ ଜାତୀୟ ରେକର୍ଡର ଅଧିକାରୀ ସାବଲେ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଶୁକ୍ରବାର ଅନୁଷ୍ଠିତ ରେସ୍‌ରେ ସେ ୧୩ ମିନିଟ୍ ୨୫.୬୫ ସେକେଣ୍ଡ ଟାଇମିଂ ସହ ଦ୍ୱାଦଶ ସ୍ଥାନରେ ରହିଥିଲେ। ଏହି ଇଭେଣ୍ଟରେ ନର୍‌ୱେର ଟୋକିଓ ଅଲିମ୍ପିକ୍ସ ୧୫୦୦ ମି. ଚାମ୍ପିୟନ ଜାକ୍ୟାବ ଇଙ୍ଗେବ୍ରିଗସେନ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ୧୩:୦୨.୦୩ ସେକେଣ୍ଡରେ ରେସ୍‌କୁ ଶେଷ କରିଥିଲେ। ସାଉଣ୍ଡ୍ ରନିଂ ଟ୍ରାକ୍ ଇଭେଣ୍ଟ ହେଉଛି ବିଶ୍ୱ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍‌ର ବ୍ରୋଞ୍ଜସ୍ତରୀୟ ପ୍ରତିଯୋଗିତା। ସେନାରେ କାର୍ଯ୍ୟରତ ୨୭ ବର୍ଷୀୟ ସାବଲେ ମହାରାଷ୍ଟ୍ରର ବିଡ୍ ଜିଲା ମାଣ୍ଡୱା ଗ୍ରାମର ଜଣେ ଚାଷୀଙ୍କ ପୁଅ। ସେ ବାହାଦୁର ପ୍ରସାଦଙ୍କ ଦୀର୍ଘଦିନର ରେକର୍ଡ ଭାଙ୍ଗିଛନ୍ତି। ୧୯୯୨ରେ ବର୍ମିଂହାମରେ ବାହାଦୁର ରେସ୍‌କୁ ୧୩:୨୯.୭୦ ସେକେଣ୍ଡରେ ଶେଷ କରି ଜାତୀୟ ରେକର୍ଡ ନିଜ ନାମରେ କରିଥିଲେ। ସାବଲେ ୩୦୦୦ ମି. ଷ୍ଟିପଲଚେଜ୍‌ରେ ନିଜ ଜାତୀୟ ରେକର୍ଡକୁ ବାରମ୍ବାର ଭାଙ୍ଗିବା ପାଇଁ ପରିଚିତ। ମାର୍ଚ୍ଚରେ ଥିରୁଭାନନ୍ତପୁରମ୍‌ଠାରେ ଆୟୋଜିତ ଇଣ୍ଡିଆନ ଗ୍ରାଁ ପ୍ରି ୨ରେ ସପ୍ତମ ଥର ପାଇଁ ସେ ଜାତୀୟ ରେକର୍ଡ ଭାଙ୍ଗିଥିଲେ। ଏହି ଇଭେଣ୍ଟରେ ସେ ୮:୧୬.୨୧ ସେକେଣ୍ଡ୍ସ ଟାଇମିଂ ହାସଲ କରିଥିଲେ। ଏଥିପୂର୍ବରୁ ସେ ଟୋକିଓ ଅଲିମ୍ପିକ୍ସରେ ୮:୧୮.୧୨ ସେକେଣ୍ଡରେ ଦୌଡ଼କୁ ଶେଷ କରି ସେତେବେଳେ ଜାତୀୟ ରେକର୍ଡ କରିଥିଲେ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ